**ମଦ ଜବତ, ଜଣେ ଗିରଫ**

କଣିହାଁ,(ସଚ୍ଚିଦାନନ୍ଦ ପ୍ରଧାନ): କଣିହାଁ ବ୍ଲକ ରେଙ୍ଗାଳି ଥାନା ସୁଲେଇପାଳ ଗ୍ରାମରେ ମଙ୍ଗଳବାର ରେଙ୍ଗାଳି ପୋଲିସ ଚଢ଼ାଉ କରି ୮ ପେଟି ବିଅର ଜବତ କରିଛି। ଏହି ଘଟଣାରେ ସୁଲେଇପାଳ ଗ୍ରାମର ଦେବେନ୍ଦ୍ର ଗଡ଼ନାୟକ (୬୮)ଙ୍କୁ ଗିରଫ କରାଯାଇଥିବା ଆଇଆଇସି ଜୟନ୍ତ ମହାନ୍ତି କହିଛନ୍ତି।

# ଉଦ୍‌ଘାଟନ ହେଉନି ବଇଣ୍ଡା ଅବକାରୀ ଥାନା

ବଇଣ୍ଡା,୭।୫(ପରିକ୍ଷିତ ସାହୁ)



- ୪ ବର୍ଷ ତଳୁ ସରିଲାଣି ନିର୍ମାଣ
- ଦିଆଯାଉନି ଆବଶ୍ୟକ କର୍ମଚାରୀ ନିଯୁକ୍ତି
- ଗ୍ରାମାଞ୍ଚଳରେ ବଢ଼ୁଛି ଚୋରା ମଦ କାରବାର

ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡରେ ଚୋରା ମହୁଲି ମଦ କାରବାର ବୃଦ୍ଧି ପାଉଛି। ଅବକାରୀ ବିଭାଗ ଓ ପୋଲିସ ପକ୍ଷରୁ ଠିକ୍ ଭାବରେ ଚଢ଼ାଉ କରାଯାଉ ନ ଥିବା ଯୋଗୁ ଏହି ଚୋରା ବ୍ୟବସାୟୀମାନେ ଖୋଲାଖୋଲି ଭାବରେ ଚୋରା ମଦ ବିକ୍ରି କରୁଥିବା ଅଭିଯୋଗ ହେଉଛି। ଅବକାରୀ ବିଭାଗ ପକ୍ଷରୁ କିଶୋରନଗର ବ୍ଲକର ଜାମୁନାଳି ଠାରେ ନିର୍ମାଣ ହୋଇଥିବା ଅବକାରୀ ଥାନାକୁ ଉଦ୍‌ଘାଟନ କରାଯାଉ ନ ଥିବା ବେଳେ ଆବଶ୍ୟକ କର୍ମଚାରୀ ମଧ୍ୟ ନିଯୁକ୍ତ କରାଯାଉ ନାହିଁ। ଫଳରେ ଗ୍ରାମାଞ୍ଚଳଗୁଡ଼ିକ ଚୋରା ମଦ ବ୍ୟବସାୟଙ୍କ ପେଣ୍ଡସ୍ଥଳୀ ପାଲଟିଥିବା କୁହାଯାଉଛି। କେତେଜଣ କର୍ମଚାରୀଙ୍କୁ ହାତ କରି ଦେଶୀ ମଦ ଭାଟିର କର୍ମଚାରୀମାନେ ବାଇକ୍ ଯୋଗେ ବିଭିନ୍ନ ଗ୍ରାମକୁ ମଦ ଚାଲାଣ କରୁଥିବା ଅଭିଯୋଗ ହେଉଛି।

ଆଠମଲ୍ଲିକ ଉପଖଣ୍ଡର ହଣ୍ଡପା, କିଶୋରନଗର, କିଆକଟା, ଆଠମଲ୍ଲିକ, ବଇଣ୍ଡା, ଜମୁନାଳି, ମଧପୁର, ହିଞ୍ଜିରିଡା, ବିଲେଇନାଳି, ବୁଢୁଲିମୁଣ୍ଡା, କନ୍ଧରାମୁଣ୍ଡା, ଆମ୍ବପାଳ, ହିମିତିରା, ଜଏରାଟ, ଧଉରାପାଲି, ସଞ୍ଜାମୁରା, ରଣିଆକଟା, ଉରୁକୁଳା, ସାନହୁଲା, ପେଡିପଥର, ମଇମୁରା, ସାପଘରା, ହାଟପଦା, ପତକା, ଜାମୁଡୋଲି, ଲୁହାସିଂହା, ମାଧପୁର, ପୁରୁଣାମାଣତ୍ରି, କିଆକଟା, ବାସୁଦେବପୁର ଅଞ୍ଚଳରେ ଏବେ ଚୋରା ମଦ କାରବାର ବୃଦ୍ଧି ପାଉଛି। ଏହି ଅଞ୍ଚଳରେ ଥିବା କେତେଜଣ ଚୋରା ମଦ ବ୍ୟବସାୟୀ ବିଭିନ୍ନ ସ୍ଥାନରେ ଦେଶୀ ମହୁଲି ମଦ ରାନ୍ଧି ବ୍ୟବସାୟ କରୁଥିବା ଜଣାପଡିଛି। ଗତ ମାର୍ଚ୍ଚ ଓ ଏପ୍ରିଲରେ ଅବକାରୀ ବିଭାଗ ପକ୍ଷରୁ ଆଠମଲ୍ଲିକ ଥାନାର ବିଭିନ୍ନ ଗ୍ରାମରେ ଚଢ଼ାଉ କରାଯାଇ ୬ଟି ମାମଲାରେ ୬ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ଠାରୁ ୩୦ ଲିଟର ମଦ ଜବତ ସହ ୧୪୦୦ କେଜି ମହୁଲ ପୋଚ ନଷ୍ଟ କରାଯାଇଛି। ଠାକୁରଗଡ଼ ଥାନା ଅଞ୍ଚଳରେ ୧୦ ମାମଲାରେ ୧୦ ଜଣଙ୍କୁ ଗିରଫ କରାଯାଇଛି। ହଣ୍ଡପା ଥାନା ଅଞ୍ଚଳରେ ୮ ମାମଲାରେ ୮ ଜଣଙ୍କୁ ଗିରଫ ସହ ୩୫୦ ଲିଟର ମଦ ଜବତ କରାଯାଇଛି। କିଶୋରନଗର ଥାନା ଅଞ୍ଚଳରୁ ୧୨ ମାମଲାରେ ୧୨ଜଣଙ୍କୁ ଗିରଫ କରାଯିବା ସହ ୧୩୦ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ବଇଣ୍ଡା ଠାରେ ଏକ ଅବକାରୀ ଥାନା ନିର୍ମାଣ ୨୦୨୦ ଫେବୃଆରୀରୁ ଶେଷ ହୋଇଥିଲେ ହେଁ ଏହାକୁ ଉଦ୍‌ଘାଟନ କରାଯାଉ ନାହିଁ। ଏହି ଥାନା ଅଧୀନରେ କିଶୋରନଗର ବ୍ଲକର ୨୩ ପଞ୍ଚାୟତ ରହିଛି। ଏଠାରେ ଜଣେ ଅଧିକାରୀ, ଜଣେ ଏଏସ୍‌ଆଇ ଓ ଜଣେ କନଷ୍ଟେବଳ ନିଯୁକ୍ତି ପାଇଥିବା ବେଳେ ଅନେକ ପଦବୀ ଖାଲି ପଡ଼ିଛି। ଫଳରେ ଗ୍ରାମାଞ୍ଚଳରେ ବିକ୍ରି ହେଉଥିବା ଚୋରା ମଦ କାରବାର ସମ୍ପର୍କରେ ଅଞ୍ଚଳବାସୀ ଅଭିଯୋଗ କରିବାକୁ ଆସୁଥିବା ବେଳେ କର୍ମଚାରୀଙ୍କୁ ନ ପାଇ ନିରାଶ ହୋଇ ଫେରୁଛନ୍ତି। ସେହିପରି ବଇଣ୍ଡା ଅଞ୍ଚଳରେ ଥିବା ଏକ ବିଦେଶୀ ମଦ ଦୋକାନର କର୍ମଚାରୀମାନେ ବିଭାଗର କେତେଜଣ କର୍ମଚାରୀଙ୍କୁ ମାସିକିଆ ହାତଗୁଞ୍ଜା ଦେଇ ମଦ ବାହାରକୁ ଚାଲାଣ କରୁଥିବା ଅଭିଯୋଗ ହେଉଛି। ଚୋରା ମଦ କାରବାର ରୋକିବା ସହ ବଇଣ୍ଡା ଅବକାରୀ ଥାନାକୁ ଉଦ୍‌ଘାଟନ କରିବା ପାଇଁ ଅଞ୍ଚଳବାସୀ ୨୫ ମେ ୨୦୨୨ ଓ ୨୩ ଫେବୃଆରୀ ୨୦୨୩ରେ ଆଠମଲ୍ଲିକ ବିଧାୟକ, ଅନୁଗୋଳ ଜିଲା ଅବକାରୀ ନିରୀକ୍ଷକ, ରାଜ୍ୟ ଅବକାରୀ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ତୁରନ୍ତ ଏଥିପ୍ରତି ବିଭାଗୀୟ ଅଧିକାରୀମାନେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ବଇଣ୍ଡା ଅବକାରୀ ଉପନିରୀକ୍ଷକ ଗାୟତ୍ରୀ ମାଝି କହିଛନ୍ତି, ଉକ୍ତ ଥାନାକୁ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବା ବେଳେ ଯାତାୟାତ ପାଇଁ ରାସ୍ତା ସମସ୍ୟା ରହିଛି। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଛି।

## ମାଙ୍କଡ଼ ଆକ୍ରମଣରେ ୧୦ରୁ ଉର୍ଦ୍ଧ୍ୱ ଗୁରୁତର

ବାଲିଆପାଳ, ୭।୫
(ଅମୂଲ୍ୟ କୁମାର ଦାସ)


ମାଙ୍କଡ଼ କାମୁଡ଼ାରେ ଗୁରୁତର ମହିଳା ଚିକିତ୍ସାରତ।

ସିଂଲା ଥାନା ଅଧୀନ ରଘୁନାଥପୁର ପଞ୍ଚାୟତ ସାନଅଗ୍ଥି, କଙ୍କୁଡ଼ି, ମଠକଙ୍କୁଡ଼ି, ପାଳସାହି ଆଦି ଗ୍ରାମରେ ମାଙ୍କଡ଼ ଆକ୍ରମଣରେ ମହିଳା ଓ ପୁରୁଷ ଗୁରୁତର ଆହତ ହୋଇଛନ୍ତି। ଜଣେ ଗୁରୁତର ମହିଳାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ମାଙ୍କଡ଼ ଉପଦ୍ରବ ପାଇଁ ସ୍ଥାନୀୟ ଲୋକେ ଛୋଟ ପିଲାଙ୍କୁ ପାଠ ପଢିବା ପାଇଁ ଘରୁ ବାହାରକୁ ଛାଡୁ ନ ଥିବା ଦେଖିବାକୁ ମିଳିଛି।

ଗ୍ରାମବାସୀଙ୍କ କହିବା ଅନୁସାରେ, ଏକ ପାଗଳ ମାଙ୍କଡ଼ ବୁଲି ବୁଲି ସାଧାରଣ ଲୋକଙ୍କୁ କାମୁଡ଼ି ଲହୁଲୁହାଣ କରୁଛି। ସେମାନେ ମାଙ୍କଡ଼ ଧରିବା ଲାଗି ବନବିଭାଗ ନିକଟରେ ଦାବି କରିଥିଲେ। ମାତ୍ର ବନ ବନବିଭାଗ କର୍ମଚାରୀ ପହଞ୍ଚିବା ପୂର୍ବରୁ ୧୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ମାଙ୍କଡ କାମୁଡ଼ି ଗୁରୁତର କରିଥିବା ଅଭିଯୋଗ କରିଛନ୍ତି। ଗୁରୁତରଙ୍କୁ ଉଦ୍ଧାର କରି ପାଉଁଶକୁଲି, ବସ୍ତା ଆଦି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମାମୁନି ଦାସଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ବାଲେଶ୍ୱର ପରେ ତାଙ୍କର ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଆହତମାନେ ହେଲେ ବଂଶୀଧର ସାହୁ, ବାଙ୍ଗରା ରାଉତ, ଶ୍ରୀଧର ପାତ୍ର, ବାବୁଲି ନନ୍ଦୀ, ଦାମୋଦର ପାତ୍ର, ରାଧାକୃଷ୍ଣ ଦାସ, ଚିନ୍ତାମଣି ଜେନାଙ୍କ ସହିତ ୫ରୁ ଉର୍ଦ୍ଧ୍ୱ ନାବାଳକ ଅଛନ୍ତି। ବନବିଭାଗ ଅଧିକାରୀ ଗାଁରେ ମାଙ୍କଡ଼ ଧରିବା କାର୍ଯ୍ୟ ଆରମ୍ଭ କରିଥିଲେ ହେଁ ଉକ୍ତ ପାଗଳ ମାଙ୍କଡ଼କୁ ଧରିବାରେ ବନ ବିଭାଗ କର୍ମଚାରୀ ବିଫଳ ହୋଇଛନ୍ତି। ମାଙ୍କଡକୁ ତୁରନ୍ତ କାବୁ କରିବା ପାଇଁ ଗ୍ରାମବାସୀ ବନବିଭାଗ ନିକଟରେ ଦାବି କରିଛନ୍ତି।

## ଭାଜପାରେ ମିଶିଲେ କଂଗ୍ରେସ, ବିଜେଡି କର୍ମୀ


ଭାଜପାର ମିଶ୍ରଣ ପର୍ବରେ ମଞ୍ଚାସୀନ ନେତୃବୃନ୍ଦ।

ମାଧପୁର,୭।୫(ମନୋଜ ପ୍ରଧାନ)

ଆଠମଲ୍ଲିକ ଭାଜପା ପକ୍ଷରୁ ବାସୁଦେବପୁର ପଞ୍ଚାୟତରେ ଏକ ମିଶ୍ରଣ ପର୍ବ ରବିବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାନନ ଦନ୍ତା ଓ ନିବେଦିତା ଦନ୍ତାଙ୍କ ନେତୃତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ପ୍ରାୟ ୩୦୦ରୁ ଅଧିକ କଂଗ୍ରେସ ଓ ବିଜେଡି କର୍ମୀ ଭାଜପାରେ ସାମିଲ ହୋଇଥିଲେ। ଆଠମଲ୍ଲିକ ବିଧାୟକ ପ୍ରାର୍ଥୀ ସଞ୍ଜୀବ କୁମାର ସାହୁ, ଜିଲା ସଭାପତି ଦିଲେଶ୍ୱର ପ୍ରଧାନ, ପଞ୍ଚାୟତ ସଭାପତି ଝରିଆ ପ୍ରଧାନ, ବରିଷ୍ଠ ନେତା ପ୍ରମୋଦ ପ୍ରଧାନ, ସାଧାରଣ ସମ୍ପାଦକ ପ୍ରକାଶ ସାହୁ ପ୍ରମୁଖ ଉପସ୍ଥିତ ରହି ସମସ୍ତଙ୍କୁ ଦଳୀୟ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ। ନୂତନ ଭାବେ ଶୁକ୍ରୁ ଥାଟି, ରମେଶ ଥାଟି, ଧୋବେଇ ଡାଙ୍ଗ, ବାବୁଲା ନାଏକ, ଭୁବନ ଦନ୍ତା, ଅଭିରାମ ମେହେର, ସଲିନ ମେଣ୍ଡୁଲି, ଅଭିମନ୍ୟୁ ମହାଳିକ, ଦୁଃଶାସନ ନାୟକ, ବଶିଷ୍ଠ ତରିଆ, କେଦାର ମେହେର, ବିଷ୍ଣୁଚରଣ ପ୍ରଧାନ, କାର୍ତ୍ତିକ ପ୍ରଧାନ, ସତ୍ୟାନନ୍ଦ ପାତ୍ରଙ୍କ ସମେତ ବହୁ କର୍ମୀ ଭାଜପାରେ ସାମିଲ ହୋଇଛନ୍ତି।

## ଭାଜପା ପକ୍ଷରୁ ଜନସମ୍ପର୍କ ପଦଯାତ୍ରା

ତାଳଚେର,୭।୫ (ମନୋଜ ନନ୍ଦ)

ବିକଶିତ ଭାରତ ଓ ବିକଶିତ ତାଳଚେର ସଙ୍କଳ୍ପ ନେଇ ତାଳଚେରରେ ଭାଜପା ପକ୍ଷରୁ ଜନସମ୍ପର୍କ ପଦଯାତ୍ରା କମରେଇ ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ତାଳଚେର ଭାଜପା ବିଧାୟକ ପ୍ରାର୍ଥୀ କାଳନ୍ଦୀ ସାମଲ ତେଲିସିଙ୍ଗା ସତ୍‌ସଙ୍ଗ ଠାରୁ ଆରମ୍ଭ କରି ଘରକୁ ଘର ବୁଲି ଜନ ସମ୍ପର୍କ ପଦଯାତ୍ରା କରିଥିଲେ। ମୋଦି ସରକାରଙ୍କ ଯୋଜନା ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରୟାସରେ ତାଳଚେରରେ ବିକାଶ ମୂଳକ କାର୍ଯ୍ୟ ଜାରି ରହିଛି ଏବଂ ଏହାକୁ ତ୍ୱରାନ୍ୱିତ କରିବା ପାଇଁ ଡବଲ ଇଞ୍ଜିନ ସରକାର ନିମନ୍ତେ ତାଳଚେରବାସୀ ଭାଜପାକୁ ଆଶୀର୍ବାଦ କରନ୍ତୁ ବୋଲି ସେ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାଜପା ଅନୁଗୋଳ ଜୋନାଲ ମିଡିଆସେଲ୍ ସଂଯୋଜକ ପର୍ଶୁରାମ ବାରିକ, ତାଳଚେର ବିଧାନସଭାର ମିଡିଆ ସେଲ୍ ଅଧ୍ୟକ୍ଷ ତଥା ଜିଲା କୃଷକ ମୋର୍ଚ୍ଚା ଉପସଭାପତି ସୁଶାନ୍ତ କୁମାର ସାମଲ, ମଣ୍ଡଳ ସଭାପତି ଦେବେନ୍ଦ୍ର ବାରିକ, କଣିହାଁ ମଣ୍ଡଳର ବରିଷ୍ଠ ନେତା ଲୋକନାଥ ସାହୁ, କମରେଇ ଭାଜପା ସଭାପତି କ୍ରିଷ୍ଣା ଗଡ଼ନାୟକ, ସୁବାସ ସାହୁ, ଦିଲେଶ୍ୱର ବେହେରା, ଦୁଃଖବନ୍ଧୁ ଭୂତିଆ, ଟିକନ ମହାନ୍ତି, ପ୍ରେମାନନ୍ଦ ପରିଡ଼ା, ବିଟା ସାହୁ, ବିଶ୍ୱଜିତ ଭୂତିଆ, ନନ୍ଦ କିଶୋର ପ୍ରଧାନଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ପ୍ରଚାର କରିଥିଲେ।


ଜନସମ୍ପର୍କ ପଦଯାତ୍ରାରେ ଯାଇ ଭୋଟରମାନଙ୍କୁ ଭେଟୁଛନ୍ତି ଭାଜପା ପ୍ରାର୍ଥୀ କାଳନ୍ଦୀ ସାମଲ।

## ଆଦଭିକଙ୍କୁ ମିଳିଲା ଅନ୍ତର୍ଜାତୀୟ ରେଟିଂ

ବାଲେଶ୍ୱର, ୭।୫(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ଚେସ୍ ଏକାଡ୍ରେମୀର କୁନି ଚେସ୍ ଖେଳାଳି ଆଦଭିକ ଭୂଷଣଙ୍କୁ ମିଳିଛି ସଫଳତା। କୋଲକାତାରେ ଗତ ୫ ଓ ୬ ତାରିଖ ଦୁଇଦିନ ଧରି ଚାଲିଥିବା ମିତ୍ର ଆର୍ନ୍ତଜାତୀୟ ଫିଡ଼େ ରାପିଡ଼ ରେଟେଡ଼ ପ୍ରତିଯୋଗିତାର ୟୁ-୭ ବିଭାଗରେ ୬ ବର୍ଷୀୟ ଆଦଭିକ ରନର୍ସ ଅପ୍ ହୋଇଛନ୍ତି। ଏହି ସଫଳତା ପରେ ତାଙ୍କୁ ଅନ୍ତର୍ଜାତୀୟ ରେଟିଂ ମିଳିଛି।

ସେ ପୂର୍ବରୁ ଝାଡ଼ଖଣ୍ଡରେ ଆୟୋଜିତ ଚେସ୍ ପ୍ରତିଯୋଗିତାର ୟୁ-୭ ବିଭାଗରେ ଚାମ୍ପିୟନ ହୋଇଥିଲେ। ଏଥିସହ ଆସନ୍ତା ସେପ୍ଟେମ୍ବର ୨୦ରୁ ୨୫ ତାରିଖ ଯାଏ ବାଙ୍ଗାଲୋରରେ ଆୟୋଜିତ ଜାତୀୟ ପ୍ରତିଯୋଗିତାରେ ଝାଡ଼ଖଣ୍ଡରୁ ୟୁ-୭ ବିଭାଗରେ ପ୍ରତିନିଧିତ୍ୱ କରିବେ। ଉଲ୍ଲେଖନୀୟ ଯେ, ତାଙ୍କୁ କୋଚ୍ ଶ୍ରୀନାଥ ଭୋଇ ଏବଂ ରାଜ୍ୟ ଚେସ୍ ଚାମ୍ପିୟନ ଦେବାଶିଷ ଚକ୍ରବର୍ତ୍ତୀ ପଥ ପ୍ରଦାନ କରୁଥିବା ଜଣାପଡ଼ିଛି।


ରନର୍ସ ଅପ୍ ଟ୍ରଫି ସହ ଆଦଭିକ୍।

## ଓମ୍‌ସା ପକ୍ଷରୁ ଅଭିଯୁକ୍ତଙ୍କୁ ଗିରଫ ଦାବି

**ଡାକ୍ତରଙ୍କୁ ଆକ୍ରମଣ ଘଟଣା**

ବାଲେଶ୍ୱର, ୭।୫(ମାନସ ବିଶ୍ୱାଳ)


ଖବରଦାତା ସମ୍ମିଳନୀରେ ଓମ୍‌ସା ବାଲେଶ୍ୱରର ସଦସ୍ୟଗଣ।

ଜଳେଶ୍ୱର ଜିକେ ଭଞ୍ଜ ହସ୍ପିଟାଲରେ ଡାକ୍ତର ଦିଲୀପ ପାତ୍ରଙ୍କ ଉପରେ ମରଣାନ୍ତକ ଆକ୍ରମଣ ଘଟଣାକୁ ବିରୋଧ କରି ଆସନ୍ତା ୪୮ ଘଣ୍ଟା ମଧ୍ୟରେ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ଦାବି କରାଯାଇଛି। ଦାବି ପୂରଣ ନ ହେଲେ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ବିଚାର କରାଯିବ ବୋଲି ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଓଡ଼ିଶା ମେଡ଼ିକାଲ ସର୍ଭିସ ଆସୋସିଏଶନ(ଓମ୍‌ସା) ବାଲେଶ୍ୱର ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

ଶୁକ୍ରବାର ଜଣେ ୧୫ ବର୍ଷର ନାବାଳକ ବିଷ ପିଇ ଜିକେ ଭଞ୍ଜ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ରେଫର କରି ଦେଇଥିଲେ। ତେବେ କିଛି ସମୟ ପରେ ନାବାଳକଙ୍କର ମୃତ୍ୟୁ ହୋଇଯାଇଥିଲା। ଚିକିତ୍ସା ଅବହେଳାରୁ ମୃତ୍ୟୁ ଘଟିଥିବା ଅଭିଯୋଗ କରି ପରିବାର ବର୍ଗ ଏବଂ ଗ୍ରାମବାସୀ ହସ୍ପିଟାଲ ଭଙ୍ଗାରୁଜା କରିବା ସହ ଉପସ୍ଥିତ ଡା. ଦିଲୀପ ପାତ୍ରଙ୍କୁ ନିସ୍ଥୁକ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଡା. ପାତ୍ର ଗୁରୁତର ଆହତ ହୋଇ ବର୍ତ୍ତମାନ ସୁଦ୍ଧା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି ବୋଲି ଓମ୍‌ସାର ସଦସ୍ୟମାନେ କହିଛନ୍ତି। ଖବରଦାତା ସମ୍ମିଳନୀରେ ସିଡିଏମ୍‌ଓ ଡା. ଦୁଲାଲସେନ ଜଗଦେବ, ଏଡିଏମଓ ଡା. ମୃତ୍ୟୁଞ୍ଜୟ ମିଶ୍ର, ଓମସାର ରାଜ୍ୟ ସମ୍ପାଦକ ଡା. ପ୍ରଶାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## କାର୍ଯ୍ୟକ୍ଷମ ହେଉନି ଓଭରହେଡ୍ ପାଣି ଟାଙ୍କି

**ବର୍ଷେ ହେଲା କାମ ସରିଲାଣି**

ଜଳେଶ୍ୱର, ୭।୫(ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଶ୍ୟାମନଗର ପଞ୍ଚାୟତର କାନପୁର, ଧାନଘେରିରେ ନିର୍ମାଣ ହୋଇଥିବା ଓଭରହେଡ୍ ପାଣିଟାଙ୍କି କାମ ସରିବାର ବର୍ଷେ ପୂରିଯାଇଥିଲେ ମଧ୍ୟ ଏଯାଏ କାର୍ଯ୍ୟକ୍ଷମ ହୋଇପାରିନି। ଲୋକେ ପାଣି ପାଇବାରୁ ବଞ୍ଚିତ ରହିଛନ୍ତି। ଏଠାରେ ୫୦୦୦ ଲୋକେ ବସବାସ କରୁଥିଲେ ମଧ୍ୟ ପାଣି ନ ପାଇ ପୋଖରୀ ପାଣି ଉପରେ ଭରସା କରୁଛନ୍ତି। ଏବେ ଡହ ଡହ ଖରା ସହିତ ପ୍ରବଳ ଗୁଳୁଗୁଳି ଅନୁଭୂତ ହେଉଛି। ଏହି ପାଣି ଅଭାବ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି। ଏନେଇ ଗ୍ରାମବାସୀ ଶରତ ଚନ୍ଦ୍ର ସାସମଲଙ୍କ ସହିତ ଅନେକ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଖୁବ୍‌ଶୀଘ୍ର ପିଇବା ପାଣି ସୁବିଧା ସହ ଓଭରହେଡ୍ ପାଣିଟାଙ୍କି କାର୍ଯ୍ୟକ୍ଷମ ନ ହେଲେ ପାଣି କାର୍ଯ୍ୟାଳୟ ଆଗରେ ଧାରଣା ବସିବା ସହିତ ଅଫିସ ଅଚଳ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏନେଇ ବିଭାଗୀୟ ଅଧିକାରୀ ଶେଷନାଗ ପ୍ରଧାନଙ୍କୁ ପଚାରିବାରୁ ସେ କହିଛନ୍ତି, ଚାର୍ଜ୍ଜ ଅର୍ଡର ମିଳିସାରିଛି, ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ।

## ସମବାୟ କାର୍ଯ୍ୟାଳୟରୁ ତାଲା ଭାଙ୍ଗି ଚୋରି ଉଦ୍ୟମ

ଜଳେଶ୍ୱର, ୭।୫(ନବୀନ ସାହୁ)

ଜଳେଶ୍ୱର ବ୍ଲକ ଚମାରଗାଁ ପଞ୍ଚାୟତର ଚାଫଲା ସମବାୟ ସମିତି ଅଫିସ୍‌ରେ ସୋମବାର ରାତିରେ ତାଲା ଭାଙ୍ଗି ଚୋରି ଉଦ୍ୟମ ହୋଇଛି। ମଙ୍ଗଳବାର ସକାଳ ୯ଟାରେ ସମବାୟ ସମିତି ସମ୍ପାଦକ ଅମିତ୍ ପ୍ରମାଣିକ ସମବାୟ ସମିତି କାର୍ଯ୍ୟାଳୟ ଖୋଲିବା ପାଇଁ ଆସି ତାଲା ଭଙ୍ଗା ହୋଇଥିବା ଦେଖିଥିଲେ। ଟଙ୍କା ରଖିବା ପାଇଁ ରଖାଯାଇଥିବା ଲକରକୁ ଉପାଡ଼ି ଭାଙ୍ଗିବା ପାଇଁ ପ୍ରୟାସ କରିଥିଲେ ମଧ୍ୟ ଭାଙ୍ଗି ନ ପାରିବାରୁ ଅନ୍ୟ ସ୍ଥାନରେ ପକାଇ ଦେଇଥିଲେ। ଏନେଇ ସମ୍ପାଦକ ପ୍ରମାଣିକ ରାଇବଣିଆ ଥାନାକୁ ଜଣାଇଥିଲେ। ରାଇବଣିଆ ପୋଲିସ ଅଧିକାରୀ ବାଲେଶ୍ୱରରୁ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଏନେଇ ରାଇବଣିଆ ଥାନାରେ ମାମଲା ମଧ୍ୟ ହୋଇଛି।


ସମବାୟ ସମିତି ଅଫିସ୍।

## ଖବରଦାତାଙ୍କୁ ଆକ୍ରମଣ ଅଭିଯୋଗ

ଅନୁଗୋଳ, ୭।୫
(ଅମିତ କୁମାର ସାମଲ)

ଅନୁଗୋଳ ଜିଲା ନାଲ୍‌କୋ ଥାନା କୁରୁଡୁଲୁ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଛେଣ୍ଡିପଦା ନିର୍ବାଚନମଣ୍ଡଳୀ ବିଜେଡିର ଏକ ସଭା ଚଲିଥିବା ସମୟରେ ଜଣେ ଖବରଦାତାଙ୍କୁ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଏହି ଆକ୍ରମଣରେ ଖବରଦାତା ଗିରିଜା ନନ୍ଦନ ସାହୁ ଆହତ ହୋଇଛନ୍ତି। ତାଙ୍କ ସହ ଥିବା ଫଟୋ ଖବରଦାତା ମଧ୍ୟ ଆକ୍ରୋଶର ଶିକାର ହୋଇଛନ୍ତି। ତାଙ୍କ କ୍ୟାମେରା ଭଙ୍ଗାରୁଜା ହୋଇଛି। ଘଟଣା ସମ୍ପର୍କରେ ନାଲ୍‌କୋ ଥାନାରେ ଲିଖିତ ଅଭିଯୋଗ ହୋଇଥିବା ଜଣାପଡିଛି।

## ରାସ୍ତା କାମକୁ ମାସେ ନ ପୂରୁଣୁ ପିଚୁ ଉଠିଲା

ଚମ୍ପୁଆ,୭।୫(ମହେଶ୍ୱର ଦାସ)



କେନ୍ଦୁଝର ଜିଲା ରିମୁଳିଠା-ଚମ୍ପୁଆ ୨୦ନଂ.ଜାତୀୟ ରାଜପଥର ମରାମତି କାମକୁ ମାସେ ନ ପୂରୁଣୁ ପିଚୁ ଉଠିଯାଇ ରାସ୍ତାର ଅବସ୍ଥା ଦୟନୀୟ ହୋଇପଡ଼ିଛି। ଫଳରେ କାମର ମାନ ଓ ରାସ୍ତାର ସ୍ଥାୟିତ୍ୱ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ସୂଚନା ଅନୁଯାୟୀ, ରିମୁଳିଠାରୁ ଚମ୍ପୁଆ ରାସ୍ତାରେ ଖାଲଖମା ଯୋଗୁ ଦୈନିକ ବାଇକ୍ ଆରୋହୀଙ୍କଠାରୁ ଆରମ୍ଭ କରି ୪ ଚକିଆ ଯାନ ଦୁର୍ଘଟଣାର ସମ୍ମୁଖୀନ ହେଉଥିଲେ। ଏହାର ସମାଧାନ ନିମନ୍ତେ ପ୍ରାୟ ମାସେ ତଳେ ୨୦ନଂ. ଜାତୀୟ ରାଜପଥର ମରାମତି କାର୍ଯ୍ୟ କରାଯାଇଥିଲା। ମାତ୍ର ମରାମତିର ମାସେ ନ ପୂରୁଣୁ ଚମ୍ପୁଆ ସଦର ମହାକୁମାର ମୁଖ୍ୟ ସ୍ଥଳରେ ରାସ୍ତାଟି ପ୍ରଥମେ ଫାଟିବା ସହିତ ଧିରେ ଧିରେ ଯଥା ପୂର୍ବଂ ତଥା ପରଂ ସ୍ଥିତି ହୋଇଛି। ଦୈନିକ ଏହି ବଜାର ଉପରେ ଅନେକ ହଜାର ଲୋକଙ୍କ ଯାତାୟାତ ହେଉଥିବା ବେଳେ ପିଚୁ ଉଠି ଯାଇଥିବା ସ୍ଥାନଟି ଖାଲୁଆ ଓ ଅସୁରକ୍ଷିତ ହେତୁ ଜନସାଧାରଣ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାର ତୁରନ୍ତ ମରାମତି ପାଇଁ ଦାବି ହେଉଛି।

# ରାସ୍ତା ମରାମତି କଲେ ଲୋକେ

## ଶୁଣିଲାନି ପ୍ରଶାସନ

ଉଦଳା,୭।୫(ସନ୍ତୋଷ କୁମାର ବାଛିନୀ)

ରାସ୍ତାରେ ବିରାଟ ଗର୍ତ୍ତ। ଅଭିଯୋଗ ପରେ ମଧ୍ୟ ଶୁଣିଲା ନାହିଁ ପୂର୍ତ୍ତ ବିଭାଗ। ଦୈନନ୍ଦିନ ଘଟିଲା ଛୋଟବଡ଼ ଦୁର୍ଘଟଣା। ଶେଷରେ ପ୍ରଶାସନ ଉପରୁ ଭରସା ତୁଟାଇ ଏହି ରାସ୍ତାରେ ସୃଷ୍ଟି ହୋଇଥିବା ଗର୍ତ୍ତକୁ ମରାମତି କଲେ ଲୋକେ। ଏପରି ଘଟଣା ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲା ଉଦଳା ସହରର ମୁଖ୍ୟ ବାସନ୍ତୀ ମଣ୍ଡପ ଛକରେ। ଉକ୍ତ ରାସ୍ତାରେ ଦୈନନ୍ଦିନ ଯାତ୍ରୀବାହୀ ବସ୍, ଟ୍ରକ୍ ଏବଂ ଶହଶହ ଅଟୋ, ମୋଟରସାଇକେଲ ଯାତାୟତ କରିଥାଏ । ରାସ୍ତାରେ ଏକ ବିରାଟ ଗର୍ତ୍ତ ହୋଇଥିବା ବେଳେ ବାରମ୍ବାର ସାଧାରଣ ଲୋକେ ଅଭିଯୋଗ କରି ଆସୁଥିଲେ। ହେଲେ ଶେଷରେ ଉପାୟ ନ ପାଇ ଉଦଳା ବାସନ୍ତୀ ପୂଜା କମିଟି ପକ୍ଷରୁ ରାସ୍ତାକୁ ମରାମତି କରାଯାଇଛି ।



ରାସ୍ତା ମରାମତି କରାଯାଉଛି।

କମିଟିର ସଭାପତି ବିଷ୍ଣୁପାଦ ସତୁଆଳଙ୍କ ନିର୍ଦ୍ଦେଶକ୍ରମେ ବରିଷ୍ଠ ସଦସ୍ୟ ଶିଶିର ପରିଚ୍ଛା, ଭୋଳାନାଥ ସାହୁ, ସୁଶାନ୍ତ ମହାନ୍ତି, ଅମୀୟ କୁମାର ବଳ, ଜଗଦ୍ଧାତ୍ରୀ ବୁକ ଷ୍ଟୋରର ମାଲିକ କାହ୍ନୁଚରଣ ମହାପାତ୍ରଙ୍କ ସହାୟତାରେ ଏହି ରାସ୍ତାକୁ ମରାମତି କରାଯାଇଛି। ତେବେ ଉଦଳା ସହରାଞ୍ଚଳର ସିନେମା ହଲ ରାସ୍ତା ମଧ୍ୟ ଶୋଚନୀୟ ହୋଇପଡିଛି। ଉକ୍ତ ରାସ୍ତାକୁ ତୁରନ୍ତ ମରାମତି ନ କଲେ ଆଗାମୀ ଦିନରେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ସଂକ୍ଷେପରେ

### ଆଚରଣ ବିଧି ଉଲ୍ଲଂଘନ କରି ଶିକ୍ଷକ ନିଲମ୍ବିତ

ବାରିପଦା,୭।୫
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଆଦର୍ଶ ଆଚରଣ ସଂହିତା ଉଲ୍ଲଂଘନ ଅଭିଯୋଗରେ ମୟୂରଭଞ୍ଜ ଜିଲା ପ୍ରଶାସନ ଜଣେ ଶିକ୍ଷକଙ୍କୁ ଚାକିରିରୁ ନିଲମ୍ବନ କରିଛି। ଏକ ରାଜନୈତିକ ସଭାରେ ଯୋଗ ଦେଇଥିବା ନେଇ ମଠସାହି ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସତ୍ୟେନ୍ଦୁ କୁମାର ଜେନାଙ୍କୁ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେଙ୍କ ନିର୍ଦ୍ଦେଶ କ୍ରମେ ତଥା ଜିଲା ଶିକ୍ଷା ଅଧିକାରୀଙ୍କ ଆଦେଶ ବଳରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ତାଙ୍କୁ ନିଲମ୍ବନ କରିଛନ୍ତି। ନିଲମ୍ବନ ସମୟରେ ସେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରିବେ ଏବଂ ନିଲମ୍ବନ ପ୍ରାପ୍ୟ ମଧ୍ୟ ପାଇବେ ବୋଲି ଚିଠିରେ ଉଲ୍ଲେଖ ରହିଛି।

### ନିଖୋଜ ବୃଦ୍ଧଙ୍କ ମୃତଦେହ ଜବତ

ରାଇରଙ୍ଗପୁର,୭।୫(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଖଣ୍ଡଦେଉଳି ଗ୍ରାମ ନିକଟସ୍ଥ ବାଙ୍କଳ ନଦୀ ଜଳରେ ଭାସୁଥିବା ଜେଣେ ବୃଦ୍ଧଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ରାଖାସାହି ଗ୍ରାମର ଜାସକେନ ମୁର୍ମୁ। ୪ ଦିନ ପୂର୍ବେ ସେ ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ଭରଣ୍ଡିଆ ହାଟକୁ ନିଜେଯାଇ ନିଖୋଜ ଥିଲେ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ. ୧୩/୨୪ ) ରୁଜୁ କରି ତଦନ୍ତ ଜାରି ରଖିଛି।

### ପ୍ରଥମ ଦିନରେ ୩ ପ୍ରାର୍ଥିପତ୍ର ଦାଖଲ

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ରାଇରଙ୍ଗପୁର(ମାନସ ମହାନ୍ତି),୭।୫

ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ୭ମ ପର୍ଯ୍ୟାୟ ନିର୍ବାଚନ ପାଇଁ ମୟୂରଭଞ୍ଜ ଜିଲାରେ ମଙ୍ଗଳବାର ୩ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଯଶୀପୁର ବିଧାନସଭା ଆସନ ପାଇଁ ମଇନା ବେଶ୍ରା, ସାରସକଣା ବିଧାନସଭା ଆସନ ପାଇଁ ଚେକର ମାହାଳି ଓ ରାଇରଙ୍ଗପୁର ବିଧାନସଭା ଆସନ ପାଇଁ ସାଲଖୁ ଲେମ୍ବା ମାଝୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ରିଟର୍ଣ୍ଣିଙ୍ଗ ଅଫିସର କରଞ୍ଜିଆ ଉପଜିଲାପାଳ ପ୍ରେମାଂଶୁ ଚାନ୍ଦ, ରାଇରଙ୍ଗପୁର ଅତିରିକ୍ତ ଜିଲାପାଳ ଦୌଲତ ଚନ୍ଦ୍ରକାର ଓ ରାଇରଙ୍ଗପୁର ଉପଜିଲାପାଳ ସରୋଜ କୁମାର ଦାଶଙ୍କ ନିକଟରେ ସେମାନେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

### ଅବକାରୀ ଚଢ଼ାଉ, ୪ଗିରଫ

ବେତନଟୀ, ୭।୫(ଧରଣୀଧର ମହାନ୍ତି)

ବେତନଟୀ ଅବକାରୀ ଥାନା ଅଧୀନ ବେତନଟୀ ଓ ବୈଶିଙ୍ଗା ଅଞ୍ଚଳରେ ମଙ୍ଗଳବାର ଅବକାରୀ ବିଭାଗ ଚଢାଉ କରି ଦେଶୀ ମଦ ଜବତ ସହ ୪ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ବେତନଟୀ ଥାନା ଅଧୀନ ଭୋଗବାଟୀ ଗ୍ରାମର ସତ୍ୟମ ସୁନ୍ଦର ମାଝୀ ଓ ଆମ୍ବଯୋଡ଼ା ଗ୍ରାମର ଲାଲା ମାରାଣ୍ଡି, ବୈଶିଙ୍ଗା ଥାନା ଅଧୀନ ପାଟପୁରର ମଧୁ ମାରାଣ୍ଡି ଓ ସୁକୁଲ ଚନ୍ଦ୍ର ମାରାଣ୍ଡ। ଚଢ଼ାଉ ସମୟରେ ସେମାନଙ୍କ ପାଖରୁ ମୋଟ ୬୨ ଲିଟର ଦେଶୀ ମଦ ଜବତ କରାଯାଇଛି।

# ରାସ୍ତା ଅବରୋଧକଲେ ଉତ୍ତ୍ୟକ୍ତ ଲୋକେ

## ଚିତ୍ରଡ଼ାରେ ସିରିଜ ଦୁର୍ଘଟଣା, ୨ ଗୁରୁତର

ମୋରଡ଼ା,୭।୫(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ତଥା ଚିତ୍ରଡ଼ା ଫାଣ୍ଡି ଅଧୀନ ଚିତ୍ରଡ଼ାରେ ସିରିଜ୍ ଦୁର୍ଘଟଣାରେ ୨ ଯୁବକ ଗୁରୁତର ହୋଇଛନ୍ତି। ଏହାର ପ୍ରତିବାଦରେ ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଥିଲେ। ଗୁରୁତର ଯୁବକ ଦ୍ୱୟ ହେଲେ ସମ୍ରାୟ ଟୁଡୁ ଓ କୃଷ୍ଣ ଟୁଡୁ ।

ସୂଚନା ଅନୁଯାୟୀ, ସୋମବାର ରାତିରେ କାଳ ବୈଶାଖୀ ଯୋଗୁ ଚିତ୍ରଡ଼ା ବ୍ଲକ ଛକ ନିକଟ ପୁରୁଣା ମଦ ଭାଟି ନିକଟରେ ଏକ ବିଦ୍ୟୁତ୍ ଖୁଣ୍ଟ ଜଣଙ୍କ ଘର ଉପରେ ପଡ଼ି ରହିଥିଲା। ମଙ୍ଗଳବାର ବିଭାଗୀୟ କର୍ମଚାରୀମାନେ ଉକ୍ତ ବିଦ୍ୟୁତ୍ ଖୁଣ୍ଟ ମରାମତି କାର୍ଯ୍ୟ କରୁଥିବା ବେଳେ ଏକ ଟ୍ରାକ୍ଟରର ସହାୟତା ନେଇଥିଲେ। ତେବେ ଅପରାହ୍ନ ଗୋଟାଏ ସମୟରେ ସମ୍ରାୟ ଟୁଡୁ ଚିତ୍ରଡା-ଅମର୍ଦା ରାଜ୍ୟ ରାଜପଥରେ ବାରିପଦା ଆଡକୁ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା କୃଷ୍ଣ ଟୁଡୁଙ୍କ ସହ ତାଙ୍କର ଧକ୍କା ହେବାରୁ ଦୁହେଁ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ଏହି ସମୟରେ ଦ୍ରୁତଗତିରେ ଅମର୍ଦା ଆଡକୁ ଯାଉଥିବା ଏକ ଡମ୍ଫର ଉକ୍ତ ଦୁଇଜଣ ଯୁବକଙ୍କୁ ବଞ୍ଚାଇବାକୁ ଯାଇ ଟ୍ରାକ୍ଟରକୁ ଧକ୍କା ଦେଇଥିଲା। ଫଳରେ ଟ୍ରାକ୍ଟର ଡ୍ରାଇଭର ମଧ୍ୟ ସାମାନ୍ୟ ଆହତ ହୋଇଥିଲେ। ଡମ୍ଫରଟି ଟ୍ରାକ୍ଟରକୁ ଧକ୍କା ଦେଇ ଘଟଣାସ୍ଥଳରୁ ଚମ୍ପଟ ମାରିବା ପାଇଁ ଚେଷ୍ଟା କରୁଥିବା ବେଳେ ଲୋକେ କଲଣି ଛକ ନିକଟରେ ତାହାକୁ ଅଟକାଇ ପୋଲିସ ଜିମା ଦେଇଥିଲେ। ଉକ୍ତ ଘଟଣାକୁ କେନ୍ଦ୍ର କରି ଦୁର୍ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ବିଦ୍ୟୁତ୍ କର୍ମଚାରୀମାନେ ବିନା ସତର୍କ ସୂଚନାରେ କାର୍ଯ୍ୟ କରୁଥିବାରୁ ଲୋକଙ୍କ ଆକ୍ରୋଶର ଶିକାର ହୋଇଥିଲେ। ଭୟରେ ବିଦ୍ୟୁତ୍ କର୍ମଚାରୀମାନେ ଘଟଣାସ୍ଥଳରୁ ଦୌଡ଼ି ପଳାଇଥିଲେ। ପରେ ସ୍ଥାନୀୟ ଲୋକେ ରାଜ୍ୟ ରାଜପଥକୁ ଅବରୋଧ କରିଥିଲେ। ଘଟଣାସ୍ଥଳରେ ମୋରଡ଼ା ଥାନା ଅଧିକାରୀ ସତ୍ୟନାରାୟଣ ବଳ, ଚିତ୍ରଡା ଫାଣ୍ଡି ଅଧିକାରୀ ନିରଞ୍ଜନ ସୋରେନ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା।



ଲୋକେ ରାସ୍ତା ଅବରୋଧ କରିଛନ୍ତି।

# ଭୋଟର ସଚେତନତା କାର୍ଯ୍ୟକ୍ରମ

ଗୋପବନ୍ଧୁ ନଗର,୭।୫
(ଶାନ୍ତନୁ କୁମାର ମଣ୍ଡୁଆଳ)

ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟରେ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଅନନ୍ତ ପ୍ରସାଦ ବେହେରାଙ୍କ ପୌରୋହିତ୍ୟରେ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ବିଡିଓ କରୁଣାକର ଧିନ୍ଦା, ବ୍ଲକ ସହକାରୀ ଯନ୍ତ୍ରୀ ବିନୟ ଜ୍ୟୋତି ଲେଙ୍କା ଯୋଗଦେଇ ଯୁବ ଭୋଟରଙ୍କ ଭୂମିକା ଉପରେ ସଚେତନ କରାଇଥିଲେ। ଅନ୍ୟତମ ଅତିଥି ଭାବେ ନୋଡାଲ ଅଫିସର ଅଧ୍ୟାପକ ଉମାକାନ୍ତ ବେହେରା, ଗଣେଶ ପ୍ରସାଦ ସେଠୀ, ଗୋପାଳ କୃଷ୍ଣ ନାୟକ, କ୍ଷୀରୋଦ ଚନ୍ଦ୍ର ସାହୁ, ଅଧ୍ୟାପିକା ଇପ୍ସିତା ମୋନାଲିସା ମିଶ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କୁ ନେଇ ବକ୍ତୃତା, ଚିତ୍ରାଙ୍କନ ଓ ପ୍ରବନ୍ଧ ଲିଖନ ଉପରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବକ୍ତୃତା ପ୍ରତିଯୋଗିତାରେ ମାନସୀ ସାହୁ ପ୍ରଥମ, ହରପ୍ରିୟା ବାରିକ ଦ୍ୱିତୀୟ, ମଧୁସ୍ମିତା ମହାକୁଡ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରବନ୍ଧ ପ୍ରତିଯୋଗିତାରେ ମାନସୀ ସାହୁ ପ୍ରଥମ, ପୁଷ୍ପା ମହାନ୍ତି ଦ୍ୱିତୀୟ ଓ ସୃଜନୀକା ସାହୁ ତୃତୀୟ ହୋଇଥିଲେ। ସେହିପରି ଚିତ୍ରାଙ୍କନ ପ୍ରତିଯୋଗିତାରେ ପୁଷ୍ପା ମହାନ୍ତି, ସବିତା ସୋରେନ, ବଡସାଉନା ମୁର୍ମୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମକୁ ଜ୍ୟୋତିରୂପା ମହାପାତ୍ର, ଦୁର୍ଗାଦତ୍ତ ବେହେରା, ସଂଗୀତା ସିଂ, ପବିତ୍ର ଶଂଖୁଆ, ସସ୍ମିତା ବେହେରା ପ୍ରମୁଖ ପରିଚାଳନା କରିଥିଲେ।

# ଆରମ୍ଭ ହେଲା ପ୍ରାର୍ଥିପତ୍ର ଦାଖଲ

ଉଦଳା,୭।୫(ସନ୍ତୋଷ କୁମାର ବାଛିନୀ)

ସାଧାରଣ ନିର୍ବାଚନ- ୨୦୨୪ ପରିପ୍ରେକ୍ଷୀରେ ୩୧-ଉଦଳା(ଏସ୍‌ଟି) ନିର୍ବାଚନ ମଣ୍ଡଳୀ ପାଇଁ ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହାକୁ ବ୍ୟବସ୍ଥିତ ଓ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ବାରିକଙ୍କ ନିର୍ଦ୍ଦେଶ କ୍ରମେ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏନେଇ ମଙ୍ଗଳବାର ଅପରାହ୍ନ ୪ଟାରେ କପ୍ତିପଦା ଉପଖଣ୍ଡର ଗଣମାଧ୍ୟମ ପ୍ରତିନିଧିଙ୍କୁ ନେଇ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ନିର୍ବାଚନ ଅଧିକାରୀ ଜରୁରୀ କାର୍ଯ୍ୟରେ ବାରିପଦା ଗସ୍ତ କରିବାରୁ ସହକାରୀ ନିର୍ବାଚନ ଅଧିକାରୀ ତଥା ଉଦଳା ତହସିଲଦାର ସତ୍ୟଜିତ ମହାନ୍ତି, ସହକାରୀ ନିର୍ବାଚନ ଅଧିକାରୀ ଗୋପବନ୍ଧୁନଗର ତହସିଲଦାର ଓମ୍‌ପ୍ରକାଶ ମହାନ୍ତି ଏବଂ ଡେପୁଟୀ କଲେକ୍ଟର ପ୍ରତୀକ ପଣ୍ଡା ଉକ୍ତ ଖବରଦାତା ସମ୍ମିଳନୀରେ ଯୋଗଦେଇ ବିସ୍ତୃତ ସୂଚନା ଦେଇଥିଲେ।

ସୂଚନା ମୁତାବକ, ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ନାମାଙ୍କନ ଦାଖଲ ପ୍ରକ୍ରିୟା ଚାଲୁ ରହିବ। ସରକାରୀ ଛୁଟି ଦିନ ବ୍ୟତୀତ ପ୍ରତ୍ୟେହ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ନାମାଙ୍କନ ପତ୍ର ଗ୍ରହଣ କରାଯିବ। ଦାଖଲ ହୋଇଥିବା ନାମାଙ୍କନଗୁଡ଼ିକ ୧୫ ତାରିଖ ଯାଞ୍ଚ କରାଯିବା ସହିତ ୧୭ତାରିଖ ସୁଦ୍ଧା ପ୍ରାର୍ଥୀମାନେ ସେମାନଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିପାରିବେ। ନାମାଙ୍କନ ପତ୍ର ଗ୍ରହଣ କରିବା ପାଇଁ ଉପଜିଲାପାଳଙ୍କ କୋର୍ଟ ରୁମ ପରିସରରେ ବ୍ୟବସ୍ଥା କରାଯାଇଛି। ନିର୍ବାଚନ ଅଧିକାରୀ ତଥା ଉପ ଜିଲାପାଳ ନାମାଙ୍କନ ପତ୍ର ଗ୍ରହଣ କରିବେ ଏବଂ ଏଥିରେ ତାଙ୍କୁ ସହକାରୀ ନିର୍ବାଚନ ଅଧିକାରୀ ତଥା ତହସିଲଦାର ଗୋପବନ୍ଧୁନଗର ଏବଂ ଅନ୍ୟାନ୍ୟ ସଂପୃକ୍ତ ବିଭାଗୀୟ କର୍ମଚାରୀ ସହଯୋଗ କରିବେ। ନାମାଙ୍କନ ଦାଖଲ ସମୟରେ ପ୍ରତ୍ୟେକ ପ୍ରାର୍ଥୀ ୪ ସେଟ ନାମାଙ୍କନ ଦାଖଲ କରିବା ସହିତ ୫ ହଜାର ଟଙ୍କା ଅମାନତ ଜମା ଦାଖଲ କରିବେ। ନିର୍ବାଚନ ଅଧିକାରୀଙ୍କ ନାମାଙ୍କନ ଗ୍ରହଣ କେନ୍ଦ୍ରଠାରୁ ୧୦୦ ମିଟର ପରିଧି ମଧ୍ୟରେ ପ୍ରାର୍ଥୀଙ୍କର ୩ଟି ଯାନରୁ ଅଧିକ ରହି ପାରିବ ନାହିଁ ।ନାମାଙ୍କନ ଦାଖଲ ସମୟରେ ଶାନ୍ତି ଶୃଙ୍ଖଳା ରକ୍ଷା ଦୃଷ୍ଟିରୁ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଥିବା ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ପ୍ରଧାନ ପ୍ରକାଶ କରିଛନ୍ତି।

# ମହିଳାଙ୍କୁ ପୋଲିସ କର୍ମଚାରୀଙ୍କ ଧମକ

ବାରିପଦା,୭।୫
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦାସ୍ଥିତ ଭଞ୍ଜପୁର ଥାନା ଅଞ୍ଚଳରେ ଜଣେ ପୋଲିସ କର୍ମଚାରୀଙ୍କ ଗୁଣ୍ଡାଗର୍ଦ୍ଦିକୁ ନେଇ ଜଣେ ମହିଳା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୋଲିସ କର୍ମଚାରୀଙ୍କ ଏଭଳି କାର୍ଯ୍ୟକଳାପକୁ ନେଇ ମହିଳା ଓ ତାଙ୍କ ନାବାଳକ ଶିଶୁ ପୁତ୍ର ଭୟଭୀତ ହୋଇ ପଡ଼ିଛନ୍ତି। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା (ନଂ. ୧୦୮/୨୪) ରୁଜୁ କରି ତଦନ୍ତ ଜାରି ରଖିଛି। ଅଭିଯୋଗ ଅନୁଯାୟୀ, ବାରିପଦା ୱାର୍ଡ ନଂ. ୨୬ ଭୁଗୁଡାକଟା ଅଞ୍ଚଳରେ ସସ୍ମିତା କର ନିଜ ଶିଶୁ ପୁତ୍ର ସହ ରହୁଛନ୍ତି। ରବିବାର ରାତି ସାଢେ ୧୦ଟା ସମୟରେ ବାରିପଦା ଟାଉନ ଥାନାର ଗାଡ଼ି ଚାଳକ ହଠାତ ତାଙ୍କ ଘରକୁ ଆସି କବାଟକୁ ଗୋଇଠା ମାରିଥିଲେ। କବାଟ ଖୋଲିବାରୁ ସେ ସସ୍ମିତାଙ୍କ ଚୁଟି ଧରି ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏପରିକି ରାସ୍ତାରେ ଯିବା ସମୟରେ ଏସିଡ୍ ଫୋପାଡି ବିକଳାଙ୍ଗ କରିଦେବା ସହ ଜୀବନରୁ ମାରିଦେବା ଭଳି ନାନା ପ୍ରକାର ଧମକଚମକ ଦେଇଥିବା ମହିଳା ଜଣଙ୍କ ଏତଲାରେ ଦର୍ଶାଇଛନ୍ତି। ପୋଲିସ ତଦନ୍ତ ଜାରି ରଖିଥିବା ବେଳେ ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କ ମତାମତ ମିଳିପାରିନାହିଁ।

# ଡାକୋଇ ଗାଁରେ ହାତୀ ଉତ୍ପାତ

ମୋରଡ଼ା,୭।୫(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ତଥା ବେତନଟୀ ରେଞ୍ଜ ଅଧୀନ ଭାଲିଆଡ଼ିହା ପଞ୍ଚାୟତର ଡାକୋଇ ଗ୍ରାମରେ ହାତୀ ଉତ୍ପାତ ଦେଖିବାକୁ ମିଳିଛି। ଗ୍ରାମବାସୀ ଭୟରେ ରାତି କାଟୁଛନ୍ତି। ଡାକୋଇର ଅମଣନାମା ଗାଁକୁ ୨୩ଟି ହାତୀ ଆସି ବିଲରେ ଚାଷ ହୋଇଥିବା ଧାନ ଖାଇବା ସହିତ ଦଳି ଚକଟି ନଷ୍ଟ କରିଛନ୍ତି। ହାତୀପଲ ଗାଁରେ ପ୍ରବେଶ କରିଥିଲେ ମଧ୍ୟ ବନ ବିଭାଗ କର୍ମଚାରୀଙ୍କ ଦେଖା ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

# ଏଟିଏମ୍ ଅଚଳ, ଗ୍ରାହକ ହନ୍ତସନ୍ତ

ଗୋପବନ୍ଧୁ ନଗର,୭।୫
(ଶାନ୍ତନୁ କୁମାର ମଣ୍ଡୁଆଳ)

କୁଆମରାସ୍ଥିତ ଏସ୍‌ବିଆଇ ଏଟିଏମ୍ ୧୦ ଦିନ ହେଲା ଅଚଳ ହୋଇ ପଡିଥିଲେ ମଧ୍ୟ ଏଥିପ୍ରତି କର୍ତ୍ତୃପକ୍ଷଙ୍କ ନିଘା ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଦୂର ଦୂରାନ୍ତର ଗ୍ରାହକମାନେ ଏହି ଏଟିଏମ୍ ଉପରେ ନିର୍ଭର କରି ଆସୁଥିବା ବେଳେ ଏହା ଅଚଳ ପଡ଼ିଥିବାରୁ ହନ୍ତସନ୍ତ ହେଉଛନ୍ତି। ବ୍ୟାଙ୍କଗୁଡ଼ିକ ମାସର ପ୍ରଥମାର୍ଦ୍ଧରେ ଭିଡ଼ ରହୁଥିବାରୁ ଲୋକେ ଏଟିଏମ୍‌କୁ ଆସି ନିରାଶରେ ଫେରୁଛନ୍ତି। ଶେଷରେ ପ୍ରବଳ ଖରା ଓ ଗୁଳୁଗୁଳିରେ ବାଧ ହୋଇ ବ୍ୟାଙ୍କ ସମ୍ମୁଖରେ ଧାଡ଼ିରେ ଛିଡ଼ା ହେଉଥିବା ଦେଖିବାକୁ ମିଳୁଛି। ଆରପଟା, କୁଆମରା, ପୁରୁଣା ବାରିପଦା, ସାଇଁକୁଳା, ଜୟପୁର, ବରଡିହି, କୁଶଳଦା ପ୍ରଭୃତି ଅଞ୍ଚଳର ଲୋକେ ଘରଠାରୁ ୧୫ କି.ମି ଦୂର ପଶୁଦା ଷ୍ଟେଟ ବ୍ୟାଙ୍କକୁ ଯାଇ ଟଙ୍କା ଉଠାଣ କରୁଛନ୍ତି। ସେଥିରେ ପୁଣି ଅଧିକାଂଶ ସମୟରେ ଲିଙ୍କ୍ ଫେଲ ରହୁଥିବାରୁ ଗ୍ରାହକମାନଙ୍କୁ ପୁଣି ପରେ ଯିବାକୁ ପଡୁଛି। ବ୍ୟାଙ୍କ କର୍ତ୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ୧୭ ବଖରା ଜଳିଗଲା

ବାରିପଦା,୭।୫(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ କେନ୍ଦୁଡିହା ପଞ୍ଚାୟତ କୁଳିଅଣା ଗ୍ରାମ ବିନ୍ଧାଣୀ ସାହିରେ ମଙ୍ଗଳବାର ସକାଳେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୧୭ ବଖରା ଘର ଜଳିପୋଡ଼ି ପାଉଁଶ ହୋଇଯାଇଛି। ଖବରପାଇ ବଡ଼ସାହି ଓ ବେତନଟୀ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ କର୍ମଚାରୀ ଅଭାବ ପାଇଁ ନିଆଁକୁ ଆୟତ୍ତ କରିବାରେ ବିଳମ୍ବ ହେବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ସକାଳ ୯ଟା ସମୟରେ ଆକସ୍ମିକ ଭାବେ ବସ୍ତିରେ ନିଆଁ ଲାଗିବା କ୍ଷଣି ଦମକଳ ବାହିନୀକୁ ଖବର ଦିଆଯାଇଥିଲା। ଖବରପାଇ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। ଗୋଟିଏ ଘରୁ ଅନ୍ୟ ଘରକୁ ନିଆଁ ବ୍ୟାପିବା ଦ୍ୱାରା ଗାଁ ଲୋକେ ଏବଂ ଅଗ୍ନିଶମ କର୍ମଚାରୀମାନେ ନିଆଁ ଲିଭାଇବାରେ ଅସୁବିଧା ହୋଇଥିଲା। ଅଗ୍ନିକାଣ୍ଡରେ ଧାନଚାଉଳ, ଟଙ୍କାପଇସା, ଦରକାରୀ କାଗଜପତ୍ର, ଆସବାବପତ୍ର ସମେତ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଜଳିପୋଡି ଛାରଖାର ହୋଇଯାଇଛି। ୧୭ ପରିବାର ଲୋକେ ସର୍ବସ୍ୱାନ୍ତ ହୋଇପଡିଛନ୍ତି। ସମସ୍ତେ ଅତି ଗରିବ ଶ୍ରେଣୀର ହୋଇଥିବାରୁ ସେମାନଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବା ନିମନ୍ତେ ଅଞ୍ଚଳବାସୀ ଦାବି କରିଛନ୍ତି। ଶଟ୍ ସର୍କିଟରୁ ନିଆଁ ଲାଗିଥିବା ନେଇ ବଡ଼ସାହି କେନ୍ଦ୍ରିକ ମୁଖ୍ୟ ଅଗ୍ନିକ ଅଧିକାରୀ ସତ୍ୟବାଦୀ ପଲେଇ ପ୍ରକାଶ କରିଛନ୍ତି। ଖବରପାଇ ରାଜସ୍ୱ ଅଧିକାରୀ ପହଞ୍ଚି ତଦନ୍ତ କରିବା ସହ ପଲିଥିନ ଯୋଗାଇ ଦେଇଛନ୍ତି । ବିଭିନ୍ନ ଦଳର ନେତା ଓ କର୍ମକର୍ତ୍ତାମାନେ ପହଞ୍ଚି ସହାୟତାର ହାତ ବଢ଼ାଇଛନ୍ତି ।


ପୋଡ଼ି ଯାଇଥିବା ଘର।

# ଚାରୁକୋଳି: ଚାହିଦା ଅଛି, ବିକ୍ରି ସୁବିଧା ନାହିଁ

ମୋରଡା,୭।୫(ସ୍ମାରକ ମାଜୀ)

ବଣ,ପାହାଡ଼ ଘେରା ମୟୂରଭଞ୍ଜ ଜିଲାରେ ନାନା ବନ୍ୟଜାତ ଦ୍ରବ୍ୟ ମିଳିଥାଏ। ବିଶେଷକରି ଗ୍ରୀଷ୍ମ ଋତୁରେ ଉପଲବ୍ଧ ହେଉଥିବା ଚାରୁ କୋଳିର ସ୍ୱାଦ ନିଆରା। ଖଟାମିଠା ପରି ବେଶ ସ୍ୱାଦିଷ୍ଟ ଲାଗିଥାଏ ଏହି କୋଳି। ଦେଶ ବିଦେଶରେ ଏହାର ଚାହିଦା ବେଶ୍ ରହିଛି। ତେବେ ବିକ୍ରି ପାଇଁ ବଜାର ସୁବିଧା ନ ଥିବାରୁ ବନବାସୀମାନେ ଉଚିତ ମୂଲ୍ୟ ପାଇବାରୁ ବଞ୍ଚିତ ହେଉଛନ୍ତି।

ଗ୍ରୀଷ୍ମ ଋତୁରେ ଜଙ୍ଗଲରେ ପେଣ୍ଡା ପେଣ୍ଡା ଫଳୁଥିବା ଚାରୁ କୋଳିକୁ ସ୍ଥାନୀୟ ଲୋଧା ଓ ଆଦିବାସୀ ସମ୍ପ୍ରଦାୟର ଲୋକେ ସକାଳୁ ତୋଳି ଆଣି ଖରାରେ ଶୁଖାଇଥାନ୍ତି। କିଛି ସମୟ ଶୁଖିଲା ପରେ କୋଳିର ଉପର ଭାଗରେ ଥିବା ଚୋପାକୁ ଶିଳରେ ଘସି ଛଡ଼ାଯାଏ। ପରେ ଭଲ ଭାବେ ପାଣିରେ ଧୋଇ ପୁଣି ଖରାରେ ଶୁଖାଯାଏ। ଶୁଖି ଗଲା ପରେ ଏହାକୁ ବିକ୍ରି କରାଯାଏ। ବାହାର ବେପାରୀମାନେ ଗାଁଗାଁ ବୁଲି ଲୋକଙ୍କଠାରୁ ଉକ୍ତ ମଞ୍ଜିକୁ କିଣିଥାନ୍ତି। ଶୁଖିଲା ମଞ୍ଜି ୪/୫ ବର୍ଷ ପୂର୍ବେ କେଜି ପ୍ରତି ୫୦ ଟଙ୍କାରେ ବେପାରୀମାନେ କିଣୁଥିବା ବେଳେ ଏବେ ୨୦୦ ଟଙ୍କାରେ କିଣୁଛନ୍ତି। ଯଦି ମଞ୍ଜିକୁ ଫାଳ କରି କେବଳ ଦାନାକୁ ବିକ୍ରି କରାଯାଏ ତେବେ କେଜି ପ୍ରତି ୯୦୦ ଟଙ୍କାରେ ବିକ୍ରି ହୋଇଥାଏ ବୋଲି ମୋରଡ଼ା ବ୍ଲକ ଅଧୀନ ଗଡିଗାଁ ପଞ୍ଚାୟତ ଟିଆଁସୀ ଗ୍ରାମର ଲୋଧା ସମ୍ପ୍ରଦାୟର ଅଧିବାସୀ ଅମ୍ବିକା ନାଏକ, ସପନ ଖଡ଼ୁଆଳ, ତୋଫାନୀ ଖଡ଼ୁଆଳ, ସୁଲୋଚନା ଖଡ଼ୁଆଳ ଓ ଥରପି ନାଏକ କହିଛନ୍ତି। ପ୍ରାୟ ୫ କେଜି ଶୁଖିଲା ମଞ୍ଜିରୁ ଏକ କେଜି ଦାନା ବାହାରି ଥାଏ ବୋଲି ସେମାନେ କହିଛନ୍ତି। ବର୍ତ୍ତମାନ ସେମାନେ ଦିନକୁ ୨ରୁ ୩ କେଜି ଶୁଖିଲା ମଞ୍ଜି ବେପାରୀଙ୍କୁ ବିକ୍ରି କରୁଛନ୍ତି। ପୂର୍ବରୁ ଏହି ଫଳକୁ ତୋଳି ଏକ ଶାଳ ପତ୍ର ଦୋନାରେ ରଖି ୧୦ରୁ ୨୦ ଟଙ୍କା ପ୍ରତି ଦୋନାକୁ ଗାଁଗାଁରେ ବିକ୍ରି କରୁଥିଲେ ଲୋଧା ସମ୍ପ୍ରଦାୟର ଲୋକେ। କିନ୍ତୁ ଏବେ ଏହା ଆଉ ଦେଖିବାକୁ ମିଳୁନି।


ଜଣେ ମହିଳା ଚାରୁ କୋଳି ଖରାରେ ଶୁଖାଉଛନ୍ତି।

## ଉଚିତ ମୂଲ୍ୟ ପାଉନାହାନ୍ତି ବନବାସୀ

କେବଳ ଟିଆଁସୀ ଗ୍ରାମର ଲୋକ ନୁହଁନ୍ତି ମୋରଡ଼ା, ରାସଗୋବିନ୍ଦପୁର ଏବଂ ଶୁଳିଆପଦା ବ୍ଲକର ବହୁ ଆଦିବାସୀ, କୁଡୁମୀ, ଲୋଧା ସମ୍ପ୍ରଦାୟର ଲୋକେ ଉକ୍ତ ଫଳକୁ ଜଙ୍ଗଲରୁ ଆଣି ବିକ୍ରି କରିଥାନ୍ତି। ବଜାରରେ ଉକ୍ତ ଚାରୁ କୋଳି ଦାନାର ଦାମ କାଜୁଠାରୁ ମଧ୍ୟ ଢ଼େର ଅଧିକ। ତେଣୁ ଜଙ୍ଗଲରୁ ସଂଗ୍ରହ କରୁଥିବା ବନବାସୀ, ଗାଁ ଲୋକେ ଏହାର ଉଚିତ ଦାମ ପାଇବାରୁ ବଞ୍ଚିତ ହେଉଛନ୍ତି। ପ୍ରଶାସନ ଉକ୍ତ ମଞ୍ଜିର ଚାହିଦା ସମ୍ପର୍କରେ ସଚେତନ କରାଇଲେ ଲୋକେ ବେଶ୍ ଉପକୃତ ହେବେ ବୋଲି ସାମାଜିକ କର୍ମୀ ରାଜେଶ ପଡ଼ିଆରୀ,ଉମାକାନ୍ତ ସାହୁ ଏବଂ ଦିଲୁ ବେହେରା କହିଛନ୍ତି।

**Government of Odisha**
**Department of Social Security and Empowerment of Persons with Disabilities**

**No.3443/SSEPD** **Dt.04.05.2024**

SSEPD-DA6-SCH-0004-2023

**2nd CORRIGENDUM TO e-TENDER NOTICE NO. 1644 Dated 02.03.2024**

**No.gg-01:** In pursuance with Technical Committee meeting for consideration of the submissions of prospective bidders in the Pre-bid meeting held on 15.03.2024, following is hereby incorporated in the e-tender bid documents issued vide e-Tender Notice No. 1644 dated 02.03.2024:
1. Annexure-1: List of Equipment with Technical Specifications of the Tender Document is hereby revised by incorporating the recommendations of the technical committee. The Final List of Equipment along with Proceedings is enclosed at Annexure-1.
2.An undertaking/ affidavit should be submitted by the bidders to ensure that they have not been declared ineligible, non-performing, involved in fraud or blacklisted etc. by any State Govt. / Central Govt. /PSU and if found involved in any of the above fraudulent practices anytime, their bid may be cancelled or rejected summarily.
3.There should be service centres setup at Odisha by the selected agencies for repair, replacement and maintenance of the equipment to be installed for seamless post sales service. The agreement of the selected bidder should be legally vetted by experts so that any dispute regarding maintenance of the equipment can be addressed in time properly. 4.Department will consider installation of the equipment by the selected (L1) bidder in one or two centres initially so that after three months of operation the performance can be judged and reported on the basis of data. On the basis of satisfactory performances, installation in other centres may be considered during the year. 5.Last date for submission of e-tender bids was extended up to 27.05.2024-5 PM vide corrigendum notice No. 2593/SSEPD dtd. 22.03.2024. Technical Bids will be opened on Dt. 28.05.2024- 11.30 AM at Conference Hall of SSEPD Department, Lokseva Bhawan, Bhubaneswar.

**Sd./- Director**
**SSEPD Department**

OIPR-46001/11/0001/2425

# ୬୫ ଗ୍ରାମ୍ ବ୍ରାଉନସୁଗାର ଜବତ

- ମହିଳା ଓ ଯୁବକ ଗିରଫ, କଲିକତାରୁ ଆସୁଥିଲା ନିଶା ସାମଗ୍ରୀ
- ଗିରଫ ମହିଳା ନିଜ ସ୍ୱାମୀ ହତ୍ୟା ମାମଲାରୁ ନିର୍ଦ୍ଦୋଷରେ ଖଲାସ ହୋଇଥିଲେ


ଜବତ ହୋଇଥିବା ୪୩ ବ୍ରାଉନ ସୁଗାର ଓ ୨୨ ଗ୍ରାମ ବ୍ରାଉନ ସୁଗାର।

ଢେଙ୍କାନାଳ,୭।୫(ରତନ ନାୟାର)

ଢେଙ୍କାନାଳ ସହରରେ ଅବକାରୀ ବିଭାଗ ମଙ୍ଗଳବାର ଚଢ଼ାଉ କରି ୨ଟି ସ୍ଥାନରୁ ମୋଟ ୬୫ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏହି ଘଟଣାରେ ଅବକାରୀ ବିଭାଗ ଲକ୍ଷ୍ମୀବଜାର ଅଞ୍ଚଳରେ ରହୁଥିବା ଅରୁଣା ପାତ୍ର(୩୯)ଙ୍କ ସମେତ ଆନନ୍ଦବଜାର ଅଞ୍ଚଳରେ ରହୁଥିବା ଗଣେଶ ଭଡ଼(୪୦)ଙ୍କୁ ଗିରଫ କରିଛି। ଅରୁଣାଙ୍କ ଠାରୁ ୪୩ ଗ୍ରାମ୍ ଓ ଗଣେଶଙ୍କ ଠାରୁ ୨୨ ଗ୍ରାମ୍ ବ୍ରାଉନସୁଗାର ଜବତ କରାଯାଇଛି। ଜବତ ବ୍ରାଉନସୁଗାରର ମୂଲ୍ୟ ୬ଲକ୍ଷ ୫୦ ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ସୂତ୍ରରୁ ଜଣାପଡିଛି।

ଅରୁଣାଙ୍କ ଘର ପଶ୍ଚିମବଙ୍ଗର ମେଦିନିପୁର ଜିଲାରେ ହୋଇଥିବାରୁ ବ୍ରାଉନସୁଗାର କଲିକତାରୁ ଅଣାଯାଇଥିବା ଜଣାପଡିଛି। ଏହାକୁ ନେଇ ଅବକାରୀ ବିଭାଗ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି। କୌଣସି ସୂତ୍ରରୁ ଖବର ପାଇବା ପରେ ଢେଙ୍କାନାଳ ଅବକାରୀ ବିଭାଗର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ସୀତାରାଣୀ ପଟ୍ଟନାୟକଙ୍କ ନେତୃତ୍ୱରେ ସଦର ଇନ୍ସପେକ୍ଟର ନରେନ୍ଦ୍ର କୁମାର ପ୍ରଧାନ, ଜିଲା ମୋବାଇଲ ୟୁନିଟ୍ ଏସ୍ଆଇ ପୁରୁଷୋତ୍ତମ ମିଶ୍ର, ଜିଲା ମୋବାଇଲ ୟୁନିଟ ଇନ୍ସପେକ୍ଟର ସତିକା ବେସନ, କନଷ୍ଟେବଲ ବନିତା ବେହେରା, ଶ୍ରଦ୍ଧାଞ୍ଜଳି ସାମଲ, ଲିଟୁ ବିଶ୍ୱାଳ, ରଣଜିତ ପୃଷ୍ଟି, ଆଲୋକ କୁମାର ଜେନା, ଏଏସ୍ଆଇ ସମିତ କୁମାର ମହାଳିକ, ଏଏସ୍ଆଇ ଚନ୍ଦ୍ରକାନ୍ତ ନାୟକ, କନଷ୍ଟେବଲ ସତ୍ୟବ୍ରତ ମହାଳିକ ଓ ପ୍ରଶାନ୍ତ କୁମାର ରାଉତ ପ୍ରମୁଖ ଚଢ଼ାଉ କରିଥିଲେ। ସହରସ୍ଥିତ ସୌଦାମିନୀ ବିଦ୍ୟାପୀଠ ଅଞ୍ଚଳରେ ଏହି ବ୍ରାଉନସୁଗାର ବିକ୍ରି ପାଇଁ ମସୁଧା ଚାଲିଥିବା ବେଳେ ଅରୁଣାଙ୍କୁ ଓ ଆନନ୍ଦବଜାର ନିକଟସ୍ଥ କାମନା ମନ୍ଦିର ନିକଟରୁ ଗଣେଶଙ୍କୁ ଗିରଫ କରାଯାଇଥିବା ଅବକାରୀ ବିଭାଗ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗିରଫ ଅଭିଯୁକ୍ତା ଅରୁଣା ୨୦୧୮ ସେପ୍ଟେମ୍ବର ୩ରେ ନିଜ ସ୍ୱାମୀ ମଣ୍ଟୁ ପାତ୍ରଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଢେଙ୍କାନାଳ ସହର ଗାନ୍ଧୀମନ୍ଦିର ରୋଡ ଅଞ୍ଚଳରେ ସୁନା ଅଳଙ୍କାର ଦୋକାନ କରିଥିବା ମଣ୍ଟୁ ପାତ୍ର ହତ୍ୟା ଘଟଣା ସେତେବେଳେ ଜିଲାରେ ଚାଞ୍ଚଲ୍ୟ ଖେଳାଇ ଦେଇଥିଲା। ୪ ଅକ୍ଟୋବର ୨୦୧୮ରେ ପୋଲିସ ଅରୁଣାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ତେବେ ସାକ୍ଷ୍ୟ ପ୍ରମାଣ ଅଭାବରୁ ଅରୁଣା ଜିଲା ଦୌରାଜଜ୍‌ଙ୍କ ଅଦାଲତରୁ ୨୮ ନଭେମ୍ବର ୨୦୨୨ରେ ନିର୍ଦ୍ଦୋଷରେ ଖଲାସ ହୋଇଥିଲେ।

# ନାବାଳକଙ୍କ ଅସ୍ୱାଭାବିକ ମୃତ୍ୟୁ

ଅନୁଗୋଳ,୭।୫(ଅମିତ ସାମଲ)

ଅନୁଗୋଳ ଜିଲା ବଣ୍ଟରପାଳ ଥାନା ମହୀଧରପୁର ଫାଣ୍ଡି ସେରେଣାବେଡ଼ା ଗ୍ରାମରେ ମଙ୍ଗଳବାର କ୍ରିକେଟ୍ ଖେଳୁଥିବାବେଳେ ଜଣେ ନାବାଳକଙ୍କ ଅସ୍ୱାଭାବିକଭାବେ ମୃତ୍ୟୁ ହୋଇଛି। ମୃତକ ହେଲେ ସେରେଣାବେଡା ଗ୍ରାମର ପଙ୍କଜ ନାଏକଙ୍କ ପୁଅ ସୂର୍ଯ୍ୟକାନ୍ତ ନାଏକ(୧୫)। ଅଂଶୁଘାତରେ ନାବାଳକଙ୍କ ଜୀବନ ଯାଇଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ପୋଲିସ କହିଛି, ସକାଳ ପ୍ରାୟ ସାଢ଼େ ୮ଟା ସମୟରେ ସାଙ୍ଗସାଥୀଙ୍କ ସହ ସୂର୍ଯ୍ୟକାନ୍ତ ଘର ପାଖ ଏକ ପଡ଼ିଆରେ କ୍ରିକେଟ ଖେଳୁଥିଲେ। ପୂର୍ବରୁ ସ୍ୱାସ୍ଥ୍ୟବସ୍ଥା ଭଲ ଥିବାବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ। ପରିବାର ଲୋକ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

# ୪ ବିଧାନସଭା ନିର୍ବାଚନମଣ୍ଡଳୀରେ ୩୦ ପ୍ରାର୍ଥୀପତ୍ର କାଏମ

ଢେଙ୍କାନାଳ,୭।୫(ରତନ ନାୟାର)

ଢେଙ୍କାନାଳ ଜିଲାରେ ମଙ୍ଗଳବାର ଯାଞ୍ଚ ପ୍ରକ୍ରିୟା ପରେ ସମସ୍ତ ୪ଟି ଯାକ ବିଧାନସଭା ନିର୍ବାଚନମଣ୍ଡଳୀରେ ୩୦ ପ୍ରାର୍ଥୀପତ୍ର କାଏମ ରହିଥିବା ଜିଲା ନିର୍ବାଚନ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ଢେଙ୍କାନାଳ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେଡି ବିଧାୟକ ପ୍ରାର୍ଥୀ ସୁଧୀର କୁମାର ସାମଲ, ଭାଜପା ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପାତ୍ର, କଂଗ୍ରେସ ପ୍ରାର୍ଥୀ ସୁସ୍ମିତା ସିଂହଦେଓ, ଆପ୍ ପ୍ରାର୍ଥୀ ଭରତ କୁମାର ଦାସ, ସମୃଦ୍ଧ ଓଡିଶାର ସ୍ୱସ୍ତିକ ଶତପଥୀ, ସ୍ୱାଧୀନ ପ୍ରାର୍ଥୀ ଉତ୍ତମ ମହାନ୍ତି, ବିକାଶ ନାୟକ ଓ ମେଘନାଦ ନନ୍ଦଙ୍କୁ ମିଶାଇ ୮ ଜଣଙ୍କ ପ୍ରାର୍ଥୀପତ୍ର କାଏମ୍ ରହିଛି। ସେହିପରି କାମାକ୍ଷାନଗର ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଭାଜପା ବିଧାୟକ ପ୍ରାର୍ଥୀ ଶତ୍ରୁଘ୍ନ ଜେନା, କଂଗ୍ରେସ ପ୍ରାର୍ଥୀ ବିପ୍ରବର ସାହୁ, ସ୍ୱାଧୀନ ପ୍ରାର୍ଥୀ ତୁଳସୀ ସାହୁ, ପରମାନନ୍ଦ ବେହେରା, ପ୍ରଶାନ୍ତ କୁମାର ସେଠୀ, ମହେଶ୍ୱର ସାହୁ ଓ ଶରତ ଚନ୍ଦ୍ର ନାୟକ ପ୍ରମୁଖ ୮ଜଣଙ୍କ ପ୍ରାର୍ଥୀପତ୍ର କାଏମ ରହିଛି। ହିନ୍ଦୋଳ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେଡି ପ୍ରାର୍ଥୀ ମହେଶ ସାହୁ, ଭାଜପା ପ୍ରାର୍ଥୀ ସୀମାରାଣୀ ନାୟକ, କଂଗ୍ରେସ ପ୍ରାର୍ଥୀ ଗୋବର୍ଦ୍ଧନ ଶେଖର ନାୟକ, ସ୍ୱାଧୀନ ପ୍ରାର୍ଥୀ କୈଳାସ ନାୟକ ଓ ଜ୍ୟୋସ୍ନାମୟୀ ବେହେରା ପ୍ରମୁଖଙ୍କ ସମେତ ୫ଜଣଙ୍କ ପ୍ରାର୍ଥୀପତ୍ର କାଏମ ରହିଛି। ସେହିପରି ପରଜଙ୍ଗ ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ଡା. ନୃସିଂହ ଚରଣ ସାହୁ, ଭାଜପା ପ୍ରାର୍ଥୀ ବିଭୂତି ଭୂଷଣ ପ୍ରଧାନ, କଂଗ୍ରେସ ପ୍ରାର୍ଥୀ ରଣଜିତ କୁମାର ସାହୁ, ଆମ୍ବେଦକର ପାର୍ଟି ଅଫ୍ ଇଣ୍ଡିଆର ଗଦାଧର ପ୍ରଧାନ, ସ୍ୱାଧୀନ ପ୍ରାର୍ଥୀ ଅଜୟ କୁମାର ବିଶ୍ୱାଳ, ପତିତପାବନ ମହାପାତ୍ର, ବିଜୟ କୁମାର ରାଉତରାୟ, ରଘୁ ସିଂହ ଓ ହିମାଂଶୁ ଭୂଷଣ ବାରିକଙ୍କୁ ମିଶାଇ ୯ଜଣଙ୍କ ପ୍ରାର୍ଥୀପତ୍ର କାଏମ ରହିଥିବା ଜିଲା ନିର୍ବାଚନ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି।

## ୧୦ ପ୍ରାର୍ଥୀପତ୍ର କାଏମ

ଢେଙ୍କାନାଳ,୭।୫(ରତନ ନାୟାର)

ଢେଙ୍କାନାଳ ଲୋକ ସଭା ଆସନ ପାଇଁ ପ୍ରାର୍ଥୀପତ୍ର ଦାଖଲ ପରେ ମଙ୍ଗଳବାର ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଛି। ଯାଞ୍ଚ ପରେ ଅପରାହ୍ନରେ ଜିଲା ନିର୍ବାଚନ କାର୍ଯ୍ୟାଳୟର ସୂଚନା ଅନୁଯାୟୀ ସମସ୍ତ ୧୦ଜଣଙ୍କ ପ୍ରାର୍ଥୀପତ୍ର କାଏମ ରହିଛି। ବିଜେଡି ପ୍ରାର୍ଥୀ ଡା. ଅବିନାଶ ସାମଲ, ଭାଜପା ପ୍ରାର୍ଥୀ ରୁଦ୍ର ନାରାୟଣ ପାଣି, କଂଗ୍ରେସ ପ୍ରାର୍ଥୀ ସସ୍ମିତା ବେହେରା,

**ଢେଙ୍କାନାଳ ଲୋକ ସଭା**

ସୋସିଆଲିଷ୍ଟ ୟୁନିଟ୍ ସେଣ୍ଟର ଅଫ୍ ଇଣ୍ଡିଆ କମ୍ୟୁନିଷ୍ଟ ପ୍ରାର୍ଥୀ ମାନସୀ ସ୍ୱାଇଁ, ଉତ୍କଳ ସମାଜର ସ୍ୱପ୍ନାରାଣୀ ଜେମ୍‌ସ, ସ୍ୱାଧୀନ ପ୍ରାର୍ଥୀ କୈଳାସ ଚନ୍ଦ୍ର ପ୍ରଧାନ, ଜନାର୍ଦ୍ଦନ ନାୟକ, ପ୍ରିୟବ୍ରତ ଗଡ଼ନାୟକ ଓ ମହେଶ୍ୱର ସାହୁଙ୍କ ପ୍ରାର୍ଥୀପତ୍ର କାଏମ ରହିଥିବା ଜିଲା ନିର୍ବାଚନ ଅଧିକାରୀଙ୍କ ସୂତ୍ରରୁ ଜଣାପଡିଛି।

# ଶ୍ରୀମଦ୍ ଭଗବଦ୍ ଗୀତା ଜ୍ଞାନ ଯଜ୍ଞ

ଢେଙ୍କାନାଳ,୭।୫(ରତନ ନାୟାର)

ଢେଙ୍କାନାଳ ସହର ରଥଗଡ଼ାସ୍ଥିତ ଦଧିବାମନ ଜୀଉ ମନ୍ଦିର ପରିସରରେ ଶ୍ରୀମଦ୍ ଭାଗବତ ପରିଷଦ ଆନୁକୂଲ୍ୟରେ ଭଗବଦ୍ ଗୀତା ଜ୍ଞାନ ଯଜ୍ଞ ୬ ତାରିଖ ଠାରୁ ଆରମ୍ଭ ହୋଇଛି। ଏହା ଆସନ୍ତା ୯ ତାରିଖ ଗୁରୁବାର ଶେଷ ହେବ। ଏହି କାର୍ଯ୍ୟକ୍ରମ ପ୍ରତ୍ୟହ ସନ୍ଧ୍ୟା ୭ ଘଟିକାରୁ ରାତ୍ର ୯ ଘଟିକା ପର୍ଯ୍ୟନ୍ତ ହେଉଛି। ଭୁବନେଶ୍ୱର ଗୀତା ଆଶ୍ରମର ଆଚାର୍ଯ୍ୟ ସ୍ୱାମୀ ଜଗଦୀଶାନନ୍ଦ ସରସ୍ୱତୀ ଜୀ ଗୀତା ଜ୍ଞାନ ପ୍ରବଚନ ପ୍ରଦାନ କରୁଛନ୍ତି। କାର୍ଯ୍ୟକ୍ରମରେ ସ୍ୱାମୀଜୀ ଏବଂ ସମସ୍ତ ଶ୍ରଦ୍ଧାଳୁ ଗୀତା ପ୍ରେମୀ ଯୋଗ ଦେଇଥିବା ଭାଗବତ ପରିଷଦ ପକ୍ଷରୁ ଜଣାଯାଇଛି।



ଶ୍ରୀମତ୍ ଭଗବଦ୍ ଗୀତା ଜ୍ଞାନ ଯଜ୍ଞ।

# ମହିମା ତପୋବନ ପୀଠରେ ଉତ୍କଟ ଜଳ ସଙ୍କଟ


ତପୋବନ ପୀଠର ଝରଣା ଶୁଖିଲା ଅବସ୍ଥାରେ ରହିଛି।

ଢେଙ୍କାନାଳ,୭।୫(ରତନ ନାୟାର)

ଢେଙ୍କାନାଳ–କପିଳାସ ରାସ୍ତାର ମହିମା ତପୋବନ ପୀଠରେ ଗ୍ରୀଷ୍ମପ୍ରବାହ ସମୟରେ ସେଠାରେ ଥିବା ଚିରସ୍ରୋତା ଝରଣା ଶୁଖିଯାଇଛି। ଫଳରେ ପୀଠରେ ପାଣିର ଅଭାବ ଦେଖାଦେଇଛି। ଅତି କ୍ଷୀଣ ଧାରରେ ଆସୁଥିବା ଟୋପା ଟୋପା ଜଳବୁନ୍ଦା ଚାହିଦା ମେଣ୍ଟାଇ ପାରୁନାହିଁ। ପୀଠକୁ ଆସୁଥିବା ଶ୍ରଦ୍ଧାଳୁ ପାଣି ପାଇଁ ନାନା ଅସୁବିଧା ଭୋଗୁଛନ୍ତି। ସେହିପରି ଜେନେରେଟର ଚାଳିତ ନଳକୂପର ପମ୍ପ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ। ଏଭଳି ସ୍ଥିତିରେ ୧୮୫ ବର୍ଷ ତଳର ଆଧ୍ୟାତ୍ମିକ ପୀଠ ତପୋବନରେ ବର୍ତ୍ତମାନ ପାନୀୟ ଜଳ ସଙ୍କଟ ଉତ୍କଟ ଆକାର ଧାରଣ କରିଛି। ଜିଲା ପ୍ରଶାସନ ଏହାର ଗୁରୁତ୍ୱ ଉପଲବ୍ଧି କରି ତୁରନ୍ତ ନଳକୂପ ଓ ପମ୍ପକୁ କାର୍ଯ୍ୟକ୍ଷମ କରିବା ସହ ଟ୍ୟାଙ୍କର ଯୋଗେ ପାନୀୟଜଳ ଉପଲବ୍ଧ କରାଇବାକୁ ପୀଠାଧିଶ ଶ୍ରୀମଦ୍ ରଘୁନାଥ ବାବା, ଜ୍ଞାନି ବାବା, ଭକ୍ତ ପ୍ରଶାନ୍ତ ମହାପାତ୍ର, ଜିଲା ସକ୍ରିୟ ନାଗରିକ ପରିଷଦ ସଭାପତି ପ୍ରଦ୍ୟୁମ୍ନ ରଥ ଓ ସମ୍ପାଦକ ଅଶୋକ କୁମାର ନନ୍ଦ ପ୍ରମୁଖ ନିବେଦନ କରିଛନ୍ତି।

# ତପୋବନ ଆଶ୍ରମ ପାଚେରି ଭାଙ୍ଗିଲା ହାତୀ

ଢେଙ୍କାନାଳ,୭।୫(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ନାଗିଆପଶି ପଞ୍ଚାୟତର ଶବର ଅଧ୍ୟୁଷିତ କାଦୁଆ ଗ୍ରାମରେ ଅବସ୍ଥିତ ମହିମା ଆଶ୍ରମର ପାଚେରିକୁ ହାତୀ ଶନିବାର ରାତିରେ ବିଭିନ୍ନ ସ୍ଥାନରେ ଭଙ୍ଗାରୁଜା କରି ଆଶ୍ରମ ଭିତରେ ପଶିଥିଲେ। ଆଶ୍ରମ ପଛପଟ ଦକ୍ଷିଣ ଓ ପଶ୍ଚିମ ପାର୍ଶ୍ୱରେ ଦିଆଯାଇଥିବା ମାଙ୍କଡା ପଥରର ପାଚେରିକୁ ଭଙ୍ଗାରୁଜା କରିଥିଲେ। ଆଶ୍ରମ ଅନ୍ତେବାସୀଙ୍କ ସୁରକ୍ଷା ଓ ବଗିଚାର କ୍ଷତିଭରଣା ପାଇଁ ବନବିଭାଗ ଦୃଷ୍ଟି ଦେଉ ବୋଲି କୌପୀନଧାରୀ ମହିମା ସମାଜର ଧର୍ମାଧ୍ୟକ୍ଷ ଶ୍ରୀମଦ୍ ରଘୁନାଥ ବାବା ଜିଲା ବନଖଣ୍ଡ ଅଧିକାରୀଙ୍କୁ ନିବେଦନ କରିଛନ୍ତି।


ଭାଙ୍ଗିଥିବା ତପୋବନ ଆଶ୍ରମ ପାଚେରି।

# ବାଇକ୍ ଆରୋହୀ ଗୁରୁତର

ପରଜଙ୍ଗ,୭।୫(ନିଗମାନନ୍ଦ ଦଳବେହେରା)

ପରଜଙ୍ଗ ଥାନା ଭାଲୁମୁଣ୍ଡା–ଆଲୁଅଝରଣ ପୂର୍ତ୍ତବିଭାଗ ରାସ୍ତାର ଅଁଳାକଟା ଛକ ନିକଟରେ ଦୁର୍ଘଟଣାରେ ଜଣେ ବାଇକ ଅରୋହୀ ଗୁରୁତର ହୋଇଛନ୍ତି। ସେ ହେଲେ ପରଜଙ୍ଗ ଥାନା ରେଣ୍ଟାପାଟ ପଞ୍ଚାୟତ ପାଣି ଗେଙ୍ଗୁଟିଆ ଗ୍ରାମର ମାନସ ରାଉତ। ମାନସ ସୋମବାର ସନ୍ଧ୍ୟାରେ ଏକ ହୋଣ୍ଡା ବାଇକ୍ ଯୋଗେ ଭାଲୁମୁଣ୍ଡାରୁ ନିଜ ଗ୍ରାମ ଗେଙ୍ଗୁଟିଆକୁ ଫେରୁଥିବା ସମୟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ୧୦୮ ଆମ୍ବୁଲାନରେ ସାମାଜିକ କର୍ମୀ ଡିଲେଶ୍ୱର ବେହେରା ଓ ମିହିର ଲାଡେନ ପଣ୍ଡା ଗୁରୁତରଙ୍କୁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ସାଆନ୍ଦା ଫାଣ୍ଡି ଅଧିକାରୀ ଯୋଗେଶ ପଟ୍ଟନାୟକ ପହଞ୍ଚି ତଦନ୍ତ ଚଳାଇଛନ୍ତି।

# ଯାଞ୍ଚ ଶେଷ, ସବୁ ପ୍ରାର୍ଥୀପତ୍ର କାଏମ

ଅନୁଗୋଳ,୭।୫(ଅମିତ ସାମଲ)/
ତାଳଚେର (ମନୋଜ ନନ୍ଦ)/
ଆଠମଲ୍ଲିକ (ଉଦୀପ୍ତ ପୁରୋହିତ)


ଆଠମଲ୍ଲିକରେ ପ୍ରାର୍ଥୀପତ୍ର ଯାଞ୍ଚ ଚାଲିଛି।

ଅନୁଗୋଳ ଜିଲାରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ମଙ୍ଗଳବାର ନାମାଙ୍କନ ପତ୍ର ଯାଞ୍ଚ ଶେଷ ହୋଇଛି। ନାମାଙ୍କନ ଭରିଥିବା ସମସ୍ତ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର କାଏମ ରହିଛି। ଏଥିସହିତ ଜିଲାର ୫ଟି ଯାକ ନିର୍ବାଚନ ମଣ୍ଡଳୀରେ ମୋଟ୍ ୩୪ ଜଣ ପ୍ରାର୍ଥୀ ରହିଛନ୍ତି। ସେଥିମଧ୍ୟରେ ତାଳଚେର ନିର୍ବାଚନ ମଣ୍ଡଳୀରେ ସର୍ବାଧିକ ୧୦ ଜଣ ପ୍ରାର୍ଥୀ ରହିଛନ୍ତି। ସେମାନେ ହେଲେ ଭାଜପା ପ୍ରାର୍ଥୀ କାଳନ୍ଦୀ ଚରଣ ସାମଲ, ବିଜେଡି ପ୍ରାର୍ଥୀ ବ୍ରଜକିଶୋର ପ୍ରଧାନ, କଂଗ୍ରେସର ପ୍ରଫୁଲ୍ଲଚନ୍ଦ୍ର ଦାସ, ବିଏସ୍‌ପିର ସର୍ବେଶ୍ୱର ନାଏକ, ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପ୍ରାର୍ଥୀ ପ୍ରହ୍ଲାଦ ଚନ୍ଦ୍ର ସାହୁ, ଆମ୍ବେଦରକରାଇଟ ପାର୍ଟି ଅଫ ଇଣ୍ଡିଆର ବିଜୟ କୁମାର ନାଏକ, ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକର ମନୋଜ କୁମାର ଜେନା,ସ୍ୱାଧୀନ ପ୍ରାର୍ଥୀ ଭୂପେନ ଥମ୍ବ, ରୂପକ କୁମାର ପାଣି, ସନ୍ତୋଷ କୁମାର ସାହୁ। ସେହିପରି ଅନୁଗୋଳ ଓ ପାଲଲହଡା ନିର୍ବାଚନ ମଣ୍ଡଳୀରେ ୮ ଜଣ ଲେଖାଏ ପ୍ରାର୍ଥୀ ଅଛନ୍ତି। ଛେଣ୍ଡିପଦା ଓ ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀରେ ୪ ଜଣ ଲେଖାଏ ପ୍ରାର୍ଥୀ ରହିଛନ୍ତି। ଆଠମଲ୍ଲିକ ବିଜେଡି ତରଫରୁ ନଳିନୀ କାନ୍ତ ପ୍ରଧାନ, ଭାଜପା ତରଫରୁ ସଞ୍ଜୀବ କୁମାର ସାହୁ, କଂଗ୍ରେସ ତରଫରୁ ହିମାଂଶୁ ଶେଖର ଚାଉଳିଆ, ଏସ୍‌ୟୁସିଆଇ ତରଫରୁ ରମଣି ରଞ୍ଜନ ପ୍ରଧାନଙ୍କ ପ୍ରାର୍ଥୀପତ୍ର କାଏମ ରହିଛି। ଆସନ୍ତା ୯ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ ବୋଲି ଜିଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

**ଅନୁଗୋଳର ୫ ନିର୍ବାଚନମଣ୍ଡଳୀରେ ୩୪ ପ୍ରାର୍ଥୀ**

# ମୃତକଙ୍କ ପରିବାରଙ୍କୁ ଭେଟିଲେ ରୁଦ୍ର


ହାତୀ ଆକ୍ରମଣରେ ପ୍ରାଣ ହରାଇଥିବା କୁମୁଦଙ୍କ ପରିବାରକୁ ଭେଟୁଛନ୍ତି ରୁଦ୍ର ପାଣି।

ଅନୁଗୋଳ,୭।୫(ଅମିତ ସାମଲ)

ବନ୍ତଳା ଅଞ୍ଚଳ ମଧୁପୁର ଗ୍ରାମରେ ହାତୀ ଆକ୍ରମଣରେ ମୃତ୍ୟୁବରଣ କରିଥିବା କୁମୁଦ ସାହୁଙ୍କ ପରିବାର ଲୋକଙ୍କୁ ମଙ୍ଗଳବାର ଢେଙ୍କାନାଳ ଲୋକ ସଭା ଭାଜପା ପ୍ରାର୍ଥୀ ରୁଦ୍ରନାରାୟଣ ପାଣି ଭେଟି ସମବେଦନା ଜଣାଇଛନ୍ତି। ଏଥିସହିତ ସରକାରଙ୍କ ସମସ୍ତ ସୁବିଧା ସୁଯୋଗ ପାଇବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ଓବିସି ମୋର୍ଚ୍ଚା ସଭାପତି ସରୋଜ ଜେନା, ଭାଜପା ଓବିସି ମୋର୍ଚ୍ଚା ସାଧାରଣ ସମ୍ପାଦକ ଲକ୍ଷ୍ମଣ ସହୁ, ପୂର୍ବତନ ମଣ୍ଡଳ ସଭାପତି ଶିବରାମ ମହାଳିକ, ନନ୍ଦପୁର ସରପଞ୍ଚ ଜଗବନ୍ଧୁ ସାହୁ, ଖିଣ୍ଡା ସରପଞ୍ଚ, ଭାଜପା ନେତା ହେମନ୍ତ ବିଶ୍ୱାଳ, ପ୍ରମୋଦ ପ୍ରଧାନ, ଭାଜପା ଯୁବମୋର୍ଚ୍ଚା କାର୍ଯ୍ୟନିର୍ବାହୀ ସଦସ୍ୟ ଅମିର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଭାଜପାର ସଂଯୁକ୍ତ ମୋର୍ଚ୍ଚା କର୍ମଶାଳା

ଢେଙ୍କାନାଳ,୭।୫(ରତନ ନାୟାର)

ଚଳିତ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ମଙ୍ଗଳବାର ଜିଲା ଭାଜପା କାର୍ଯ୍ୟାଳୟରେ ଭାଜପା ସଂଯୁକ୍ତ ମୋର୍ଚ୍ଚାର ଏକ କର୍ମଶାଳା ସଭାପତି ନରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରାଜସ୍ଥାନ ଭାଜପା ସଙ୍ଗଠନର ମିଥିଲେଶ୍ ଗୌତମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଗାମୀ ନିର୍ବାଚନରେ ସଂଯୁକ୍ତ ମୋର୍ଚ୍ଚାର ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ କାର୍ଯ୍ୟରେ ଲଗାଇ ମୋଦିଙ୍କୁ କେନ୍ଦ୍ରରେ ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ କରିବା ସହ ରାଜ୍ୟରେ ଡବଲ ଇଞ୍ଜିନ ସରକାର କରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ। ଏହି କର୍ମଶାଳାରେ ଲୋକ ସଭା ସଂଯୋଜକ ପ୍ରେମାନନ୍ଦ ଜେନା, ବିସ୍ତାରକ ପ୍ରଦୀପ ବିଶ୍ୱାଳ, ରାଜ୍ୟ ଓବିସି ମୋର୍ଚ୍ଚା ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଅରୁଣ କୁମାର ନାୟକ, ଜିଲା ମହିଳାମୋର୍ଚ୍ଚା ସଂଯୋଜିକା ଯଶସ୍ୱିନୀ ରାଉତ, ଜିଲା ଯୁବମୋର୍ଚ୍ଚା ସଭାପତି ମହାଦୀପ ଯଶୋବନ୍ତ ମହିମା, ଜିଲା ଓବିସି ମୋର୍ଚ୍ଚା ସଭାପତି ପ୍ରଶାନ୍ତ ପ୍ରଧାନ, ଜିଲା କୃଷକ ମୋର୍ଚ୍ଚା ସଭାପତି ସହଦେବ ପୃଷ୍ଟି, ଜିଲା ମହିଳା ମୋର୍ଚ୍ଚା ସଭାପତି ମମତା ସ୍ୱାଇଁ, ଜିଲା ଆଦିବାସୀ ମୋର୍ଚ୍ଚା ସଭାପତି ମଦନ ମୋହନ ହେମ୍ବ୍ରମ୍, ଜିଲା ହରିଜନ ମୋର୍ଚ୍ଚା ସଭାପତି ଲକ୍ଷ୍ମୀଧର ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ ।


ଭାଜପାର ସଂଯୁକ୍ତ ମୋର୍ଚ୍ଚା କର୍ମଶାଳାରେ ଉପସ୍ଥିତ କର୍ମକର୍ତ୍ତାମାନେ।

# ଢେଙ୍କାନାଳରେ ସସ୍ମିତା, ସୁସ୍ମିତାଙ୍କ ପ୍ରଚାର


କଂଗ୍ରେସ ପକ୍ଷରୁ ଢେଙ୍କାନାଳ ସହରରେ ପ୍ରଚାର।

ଢେଙ୍କାନାଳ,୭।୫(ରତନ ନାୟାର)

ଢେଙ୍କାନାଳ କଂଗ୍ରେସ ଲୋକ ସଭା ପ୍ରାର୍ଥୀ ସସ୍ମିତା ବେହେରା ଓ ଢେଙ୍କାନାଳ ବିଧାନସଭା କଂଗ୍ରେସ ପ୍ରାର୍ଥୀ ସୁସ୍ମିତା ସିଂହଦେଓ ମିଳିତ ଭାବେ ମଙ୍ଗଳବାର ସନ୍ଧ୍ୟାରେ ସହରର ବିଭିନ୍ନ ଅଞ୍ଚଳରେ ପ୍ରଚାର କାର୍ଯ୍ୟ କରିଥିଲେ। ଉଭୟେ ନିଜ ସମର୍ଥକଙ୍କ ଗହଣରେ ରଥଗଡାଠାରୁ ବାହାରି ସହରର ପ୍ରମୁଖ ରାସ୍ତା ଦେଇ ଗଣେଶ ବଜାର, ମହାବୀର ବଜାର, ଲକ୍ଷ୍ମୀବଜାର ଓ ବସଷ୍ଟାଣ୍ଡ ଅଞ୍ଚଳ ଦେଇ ନିର୍ବାଚନ ପ୍ରଚାର କରିଥିଲେ। ଲୋକମାନଙ୍କୁ କଂଗ୍ରେସର ଗ୍ୟାରେଣ୍ଟି କାର୍ଡ ସମ୍ପର୍କରେ ବୁଝାଇଥିଲେ। ଏ ସଂକ୍ରାନ୍ତରେ ସସ୍ମିତା କହିଛନ୍ତି, ଲୁଟି ଖିଆଙ୍କ ବିରୋଧରେ ଖଟି ଖିଆଙ୍କ ସଂଗ୍ରାମ ଚାଲିବ। ରୋଜଗାର, ଶିକ୍ଷା, ସୁରକ୍ଷା, ଚିକିତ୍ସା ଆଦି ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରାଯିବ। ପ୍ରଚାର ସମୟରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ସ୍ମିତାରାଣୀ ସାମଲ, ରାଜୀବ ଲୋଚନ ସିଂହଦେଓ, ହୃଦୟାନନ୍ଦ ମହାନ୍ତି ପ୍ରମୁଖ କଂଗ୍ରେସ ନେତୃବୃନ୍ଦ ମାନେ ଉପସ୍ଥିତ ଥିଲେ।

